# ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଏନ୍ଆଇସିୟୁ ସ୍ଥାପନ ଦାବି

**ଭବାନୀପାଟଣା, ୧୯ ।୧୨(ସମିସ)**




କଳାହାଣ୍ଡି ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଏବେ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ କାର୍ଯ୍ୟ କରୁଛି । ମେଡିକାଲ କଲେଜ ହେବା ପରେ ଜିଲ୍ଲା ସଦରମହକୁମା ଚିକିତ୍ସାଳୟରେ ଅନେକ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି । ଡାକ୍ତର ଓ କର୍ମଚାରୀ ଅଭାବ ଭଳି ବୃହତ୍ତର ସମସ୍ୟା ଥିବା ସତ୍ତ୍ୱେ ମେଡିକାଲ କଲେଜ ଓ ହସ୍ପିଟାଲ କଳାହାଣ୍ଡି ଜିଲ୍ଲା ସମେତ ଛତିଶଗଡ଼ର ଦେଭୋଗ, ନବରଙ୍ଗପୁର ଜିଲ୍ଲାର କିଛିକାଂଶ, ବଲାଙ୍ଗିର ଜିଲ୍ଲାର ବେଲଗାଁ, ଟିଟିଲାଗଡ଼, ତୁଷରା, ଦେଓଗାଁ, ରାୟଗଡ଼ା ଓ କନ୍ଧମାଳ ଜିଲ୍ଲାର କେତେକ ଅଞ୍ଚଳର ହଜାର ହଜାର ଲୋକେ ଚିକିତ୍ସା ପାଇଁ ନିର୍ଭର କରନ୍ତି । ପଶ୍ଚିମ ଓଡ଼ିଶାରେ ଏକ ନିର୍ଭରଯୋଗ୍ୟ ଓ ବିଶ୍ୱସନୀୟ ହସ୍ପିଟାଲ ଭାବେ ଶଲ୍ୟ ଚିକିତ୍ସା, ସ୍ତ୍ରୀ ଓ ପ୍ରସୂତି ବିଭାଗ, ମେଡ଼ିସିନ ବିଭାଗ ଆଦି କାର୍ଯ୍ୟ କରିଆସୁଛି । ଚିକିତ୍ସା, ପରୀକ୍ଷଣ ଆଦି ଅନେକ ବିଭାଗରେ ଉନ୍ନତି ପରିଲକ୍ଷିତ ହୋଇଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ନବଜାତ ଶିଶୁଙ୍କ ପାଇଁ କେବଳ ଏସଏନସିୟୁ ବ୍ୟବସ୍ଥା ରହିଛି । କିନ୍ତୁ ଅନେକ ସମୟରେ କମ ଓଜନ ଓ ସଙ୍କଟାପନ୍ନ ଶିଶୁ ଜନ୍ମ ହେଲେ ଏଠାରେ ଏନଆଇସିୟୁ ଭଳି ଅତ୍ୟାଧୁନିକ ସୁବିଧା ମିଳିପାରୁନାହିଁ । ଯାହାଫଳରେ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଉପରେ ନିର୍ଭର କରୁଥିବା ଶହ ଶହ ଗର୍ଭବତୀ, ପ୍ରସୂତି ମହିଳା ଓ ନବଜାତ ଶିଶୁଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇବା ସମ୍ଭବ ହୋଇପାରୁନାହିଁ । ସେହିପରି ବୁର୍ଲା, କଟକ, ବ୍ରହ୍ମପୁର, କଟକ ଓ ଭୁବନେଶ୍ୱର ଭଳି ସ୍ଥାନକୁ ଯିବା କିମ୍ବା ଅନ୍ୟ କୌଣସି ଘରୋଇ ଡାକ୍ତରଖାନାରେ ଏହି ସୁବିଧା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବାରୁ ଜିଲ୍ଲାର ଗରିବ ଲୋକେ ଏହାର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଙ୍କଟାପନ୍ନ ନବଜାତଙ୍କ ଚିକିତ୍ସା ଓ ଜୀବନରକ୍ଷା ପାଇଁ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଅତ୍ୟାଧୁନିକ ସୁବିଧା ସମ୍ପନ୍ନ ଲେଭେଲ-୩ କିମ୍ବା ଲେଭେଲ-୪ ଏନଆଇସିୟୁ ସ୍ଥାପନ ପାଇଁ ଦାବି ହେଉଛି । ଏ ସମ୍ପର୍କରେ ସାମ୍ବାଦିକ ଓ ସମାଜସେବୀ ତଥା ଲାଞ୍ଜିଗଡ଼ ପ୍ରେସକ୍ଲବ୍‌ର ସଭାପତି ସୁଶୀଲ କୁମାର ବାଗ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଚିଠି ଲେଖି ଦାବି କରିଛନ୍ତି । ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବାକୁ ଯାଉଥିବା ଏହି ମେଡିକାଲ କଲେଜ ଓ ହସ୍ପିଟାଲରେ ଏନଆଇସିୟୁ ସୁବିଧା କେବଳ ଦାବି ନୁହେଁ ଅନିଚ୍ଛାକୃତ ଗର୍ଭପାତ ଓ ଶିଶୁ ମୃତ୍ୟୁହାର ରୋକିବାରେ ଏକ ଚରମ ଆବଶ୍ୟକତା ବୋଲି ଶ୍ରୀ ବାଗ ଦର୍ଶାଇଛନ୍ତି । ସରକାର ନିଶ୍ଚିତ ଭାବେ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେବେ ବୋଲି ଆଶାପୋଷଣ କରିଛନ୍ତି ।

# କେସିଙ୍ଗା ମେଡିକାଲରେ ରକ୍ତ ସଂରକ୍ଷଣ ୟୁନିଟ୍ କାର୍ଯ୍ୟକ୍ଷମ




**କେସିଙ୍ଗା, ୧୯ ।୧୨ (ସମିସ):** ଅନେକ ଦାବି ପରେ ଶେଷରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ରକ୍ତ ସଂରକ୍ଷଣ ୟୁନିଟ୍ କାର୍ଯ୍ୟକ୍ଷମ ହୋଇଛି । ୟୁନିଟ କାର୍ଯ୍ୟକ୍ଷମ ହେବା ଫଳରେ କେସିଙ୍ଗା ବ୍ଲକର ପ୍ରାୟ ଦୁଇ ଲକ୍ଷ ଲୋକଙ୍କ ସମେତ ପଡୋଶୀ ବ୍ଲକ ଓ ପଡୋଶୀ ଜିଲ୍ଲାର ସୀମାନ୍ତ ଅଞ୍ଚଳର ରୋଗୀ ଉପକୃତ ହେବେ । ଆଗରୁ ରକ୍ତ ସଂରକ୍ଷଣ ହେଉ କିମ୍ବା ରକ୍ତ ଦେଣ ଲେଣ ପାଇଁ ଖରା ବର୍ଷା ଶୀତ ଦିନ ହେଉକି ରାତି ହେଉ ଯେତେ ବେଳେ ରକ୍ତ ଦରକାର ହେଉଥିଲା ୩୫ କିଲୋମିଟର ଭବାନୀପାଟଣା ଜିଲ୍ଲା ମେଡିକାଲକୁ ଯିବାକୁ ପଡୁଥିଲା ରୋଗୀଙ୍କ ପରିଜନଙ୍କ ଅଧିକ ପଇସା ଖର୍ଚ୍ଚ ହେବା ସହିତ ସମୟର ମଧ୍ୟ ଅଭାବ ହେଉଥିଲା । ବର୍ତ୍ତମାନ କେସିଙ୍ଗା ମେଡିକାଲ ରେ ରକ୍ତ ସଂରକ୍ଷଣ ସହିତ ରକ୍ତ ଦେଣଲେଣ କାମ ହେବ ବେଶୀରେ କେସିଙ୍ଗା ମେଡିକାଲକୁ ପ୍ରସବ ପାଇଁ ଆସୁଥିବା ଜନନୀମାନେ ବହୁ ମାତ୍ରାରେ ଉପକୃତ ହେବେ ।

# ଥୁଆପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୧୯ ।୧୨ (ସମିସ):** ଭବାନୀପାଟଣା ବ୍ଲକ ଥୁଆପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଆଚାରି ଶବର ବିଇଓ ଭବାନୀପାଟଣା, ମୁଖ୍ୟବକ୍ତା ଭାବରେ ଶଶାଙ୍କ ଶଖେର ଚୌଧୁରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭବାନୀପାଟଣା, ସମ୍ମାନିତ ଅତିଥି ଭାବରେ ରତ୍ନାକର ପଲେଇ ଅଧ୍ୟାପକ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ଜୟ କୁମାର ମାଝୀ ବିଆରସିସି ଭବାନୀପାଟଣା, ହୃଷିକେଶ ନାଏକ ଏବିଇଓ ଭବାନୀପାଟଣା, ଜଗଦିଷ ଚନ୍ଦ୍ର ମୁଣ୍ଡ ଏବିଇଓ ଭବାନୀପାଟଣା, ଦିଗାମ୍ବର ଲୁହା ସରପଞ୍ଚ ଥୁଆପଦର, ଗିରିଜା ଶଙ୍କର ସାହୁ ସହ ଶିକ୍ଷକ ଥୁଆପଦର ହାଇୟତ ସେକେଣ୍ଡାରି ବିଦ୍ୟାଳୟ, ଗୀତାଞ୍ଜଳି ସାହୁ ସମିତି ସଭ୍ୟା ଥୁଆପଦର, ସୂର୍ଯ୍ୟନାରାୟଣ ମହାନ୍ତି ସିଆରସିସି ତେନ୍ତୁଳିଖୁଣ୍ଟି କ୍ଲଷ୍ଟର, ନବିନ କିଶୋର ଭୋଇ ସଭାପତି, ଏମ୍. ନାଗେଶ୍ୱର ରାଓ ଦୋରା ପ୍ରଧାନ ଶିକ୍ଷକ ଯୋଗଦାନ କରିଥିଲେ । ମୁଖ୍ୟଅତିଥି ଶଶାଙ୍କ ଶେଖର ଚୌଧୁରୀ ଅଧକ୍ଷ ଆଦର୍ଶ ବିଦ୍ୟାଳୟ ଭବାନୀପାଟଣାଙ୍କ ଦ୍ୱାରା ଟିଏଲ୍ଏମ୍ ଚିତ୍ରକଳା ପ୍ରଦର୍ଶନ ଉଦ୍‌ଘାଟନ କରାଯାଇଥିଲା । ମଞ୍ଚରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହଶିକ୍ଷୟିତ୍ରୀ ସୁଧାରାଣୀ ସାହୁଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ଲିଜାଲିନ ସାମଲ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ପଦ୍ମଜା ଦାସ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟ ତରଫରୁ ଥୁଆପଦର ଗ୍ରାମର ଦୁଇଜଣ ବୈୟଜ୍ୟୋଷ୍ଠ ବ୍ୟକ୍ତି ଜିତେନ୍ଦ୍ରିୟ ସାହୁ ଓ ରାଏମତୀ ଲୁହାଙ୍କୁ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅତିଥିଙ୍କ ଦ୍ୱାରା ପ୍ରଧାନଶିକ୍ଷକ ଏମ୍. ନାଗେଶ୍ୱର ରାଓ ଦୋରା ଓ ସହ ଶିକ୍ଷୟିତ୍ରୀ ପଦ୍ମଜା ଦାସଙ୍କୁ ସମ୍ମାନିତ କରାଯାଇଥିଲା । ଗୀତାଞ୍ଜଳି ଦେବୀ, କ୍ଷୀରସିନ୍ଧୁ ନାଏକ, ଅନନ୍ତ ରାଉତ, କାଳୀପ୍ରସାଦ ରଥ ପୁରସ୍କାର ବିତରଣ କାର୍ଯ୍ୟରେ ସହଯୋଗ କରିଥିଲେ । ପୁରସ୍କାର ବିତରଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କ୍ଷୀରସିନ୍ଧୁ ନାଏକ ମଞ୍ଚ ପରିଚାଳନା କରିଥିଲେ । ମଞ୍ଚରେ କ୍ଷୀରସିନ୍ଧୁ ନାଏକ ଓ ତାଙ୍କର ଧର୍ମପତ୍ନୀ ଅମ୍ରିତା ନାଏକଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ପ୍ରଦାନ ଶିକ୍ଷକ ଏମ୍. ନାଗେଶ୍ୱର ରାଓ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।



# ଗୁଣାତ୍ମକ ଶିକ୍ଷା ପାଇଁ ଇଚ୍ଛାଶକ୍ତି ହିଁ ମୁଖ୍ୟ ଆୟୁଧ

## ମେଦିନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଭବାନୀପାଟଣା, ୧୯ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲାର ଏକ ଆଦର୍ଶ ସରକାରୀ ପ୍ରାଥମିକ ବିଦ୍ୟାଳୟରୂପେ ସୁନାମ ଅର୍ଜନ କରିଥିବା ମେଦିନିପୁର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରଦୀପ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତଡ଼ଃ ଅଜୟ ମିଶ୍ର ସମ୍ମାନିତ ଅତିଥି ଏବିଇଓ ଜଗଦୀଶ ମୁଣ୍ଡ ଓ ଜୟ ନାୟକ, ସ୍ୱନାମଧନ୍ୟ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡି ଯୋଗଦେଇଥିଲେ । ମୁଖ୍ୟବକ୍ତାଭାବେ ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର ଯୋଗଦେଇଥିଲେ ।ଏତଦବ୍ୟତୀତ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତାଗଣ ଉପସ୍ଥିତଥିଲେ । ଶିଶୁ ବାଟୀକା ଛାତ୍ରଛାତ୍ରୀଙ୍କ ଠାରୁ ଉଚ୍ଚତର ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ନୃତ୍ୟକଳା, କ୍ରୀଡା ଓ ପିରାମିଡ ତତସହିତ ଜ୍ଞାନଆହରଣର ଉତ୍କର୍ଷତା ସମସ୍ତ ଅତିଥିଙ୍କୁ ବିସ୍ମିତ କରିଦେଇଥିଲା । ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଶିକ୍ଷକ, ଶିକ୍ଷା ଓ ଶିକ୍ଷାର୍ଥୀଙ୍କ ଇଚ୍ଛାଶକ୍ତିର ପ୍ରତିଫଳନବୋଲି ଉତ୍ସବରେ ବାରି ହୋଇପଡ଼ିଥିଲା । ଏବଂ ଛାତ୍ରଛାତ୍ରୀ ଶିକ୍ଷଣ ଉପଲବ୍ଧିସ୍ତର ଆଶାନୁରୂପେ ବୃଦ୍ଧି ପାଇଥିବା ଲକ୍ଷ କରାଯାଇଥିଲା । ଶିକ୍ଷୟିତ୍ରୀ ଲକ୍ଷ୍ମୀ ବଗର୍ତ୍ତି ଉତ୍ସବକୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିବା ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ ଅକ୍ଲାନ୍ତ ପରିଶ୍ରମ ଶିକ୍ଷୟତ୍ରୀମାନଙ୍କ ସାମୂହିକ ଉଦ୍ୟମ ଦ୍ୱାରା ବିଦ୍ୟାଳୟଟି ସାମଗ୍ରୀକ ଭାବେ ସଫଳତାର ଶୀର୍ଷରେ ପହଁଚି ପାରିଥିବା କୁହାଯାଇଛି । ଶିକ୍ଷୟିତ୍ରୀ ଲକ୍ଷ୍ମୀ ବଗର୍ତ୍ତୀ, ସଂଯୁକ୍ତା ଦାଶ, କଲ୍ୟାଣୀ ଦାସ, ପ୍ରତିଭା ଦାଶ, ନିଶାମଣୀ ଦେଇ, ଜାଗୃତୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ଘାସି ଦାସ ବାବାଙ୍କ ଜୟନ୍ତୀ

**କୋକସରା, ୧୯ ।୧୨(ସମିସ):** ସତନାମୀ ସମ୍ପ୍ରଦାୟ ପକ୍ଷରୁ କୋକସରା ବ୍ଲକ କାଉଡୋଲାଠାରେ ଗୁରୁବାର ଘାସି ଦାସ ବାବାଙ୍କ ଜୟନ୍ତୀ ପାଳନ କରାଯାଇଛି । କଳସ ଯାତ୍ରାରେ ସତନାମି ସମ୍ପ୍ରଦାୟର ମହିଳା ଓ ପୁରୁଷ ସ୍ଥାନୀୟ ମୁଟଙ୍ଗରା ନଦୀରୁ ପାଣି ଉଠାଇ ବାବାଙ୍କ ଜୈତଖମ୍ବ ଠାରେ ନେଇ ପୂଜାର୍ଚ୍ଚନା ପରେ ଧ୍ୱଜା ରୋହନ କାର୍ଯ୍ୟକ୍ରମ ହୋଇଛି । ବହୁ ଦୂରଦୂରାନ୍ତରୁ ବନ୍ଧୁ ବାନ୍ଧବ ଆସି ପୂଜାରେ ସାମିଲ ହୋଇଥିଲେ । ପୂଜାର ସଭାପତି ଭାବେ କୃତିବାସ ସତନାମୀ, ସମ୍ପାଦକ କିଙ୍ଗରାଜ ସତନାମୀ, ପୂଜକ ଗଣେଶ ଶତନାମୀ, କର୍ମକର୍ତ୍ତା ଭାବରେ ବିଜୟ ସତନାମି, ରାମେଶ୍ୱର ସତନାମି, ଗୋବିନ୍ଦ ସତନାମି, ଉଦ୍ଧବ ସତନାମି, ସୁରେଶ ସତନାମି, ଜିତେନ୍ଦ୍ର ସତନାମି, ଆଲୋକ ସତନାମି ପ୍ରମୁଖ ସହଯୋଗ କରିଥିଲେ ।



# ଜିଲ୍ଲାସ୍ତରୀୟ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ



**ନୂଆପଡ଼ା/କୋମନା, ୧୯ ।୧୨(ସମିସ):** କୋମନା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଯୁବ ରେଡ଼କ୍ରସ ଶିକ୍ଷା ଓ ତାଲିମ ଶିବିର ଅଧକ୍ଷ ବିଘ୍ନରାଜ ଦାଶଙ୍କ ସଭାପତିତ୍ୱରେ ଉଦ୍‌ଘାଟତ ହୋଇଛି । ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ଜିଲ୍ଲା ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ମୁଖ୍ୟବକ୍ତା ଡ. ତରୁଣ କୁମାର ପ୍ରଧାନ, ସମ୍ମାନିତ ଅତିଥି ରୂପେ ଅଧକ୍ଷ ନ୍ୟାସନାଲ ମହାବିଦ୍ୟାଳୟ ନୂଆପଡ଼ା ହିତେଶ ସାହୁ, ଜିଲ୍ଲା ସଂଯୋଜକ ଯୁବ ରେଡକ୍ରସ ନୂଆପଡ଼ା ଅଶ୍ୱିନୀ ଓତା, ଜିଲ୍ଲା ଯୁବ ରେଡକ୍ରସ ଆବାହକ ଶିବ ପ୍ରସାଦ ସା ପ୍ରମୁଖ ଯୋଗଦାନ କରିଥିଲେ । ତିନିଦିନ ଧରି ଚାଲିବାକୁ ଥିବା ଶିବିରରେ ରେଡକ୍ରସର ଇତିହାସ, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି ବିଷୟରେ ତାଲିମ ଦିଆଯିବ ।ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୧୩୦ଜଣ ସ୍ୱେଚ୍ଛାସେବୀ ଓ ଉପଦେଷ୍ଟା ଯୋଗଦାନ କରିଛନ୍ତି । ଉଦ୍‌ଘାଟନୀ ସଭାକୁ ଆଧାପକ ଡ.ଦୀପକ କୁମାର ଦାଶ ପରିଚାଳନା କରିଥିଲେ ।

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ
ODISHA ELECTRICITY REGULATORY COMMISSION
BIDYUT NIYAMAK BHAWAN
PLOT NO.4, SHAILASHREE VIHAR, BHUBANESWAR -751021
TEL. No. 2721048, 2721049
E-MAIL: oerc@odisha.gov.in / orierc@gmail.com
WEBSITE: www.orierc.org
Together, Let us light up our lives

PUBLIC NOTICE
CASE No. 129 of 2025
Hearing of application of TPWODL Truing up for FY 2024-25 along with reconsideration/revisit of Truing up for FY 2023-24.

TPWODL has submitted its application to the Odisha Electricity Regulatory Commission on 29.11.2025 for approval of Truing up for FY 2024-25 along with reconsideration/revisit of Truing up for FY 2023-24, which has been registered as **Case No. 129 of 2025**. The application has been filed under Sections 62, 86 (1) & 94(1)(f) and other applicable provisions of the Electricity Act, 2003 read with OERC (Terms and Conditions for Determination of Wheeling Tariff and Retail Supply Tariff) Regulations, 2022 and OERC (Conduct of Business) Regulations, 2004. The Commission has decided to dispose of the case through a public hearing along with the ARR & RST application for FY 2026-27 of the applicant in **Case No.128 of 2025.**

The petition along with all Annexure submitted by M/s. TPWODL in this regard is available in TPWODL's website www.tpwesternodisha.com as well as in Commission's website www.orierc.org. The Interested persons / organizations those who were parties to the previous year Tariff Proceedings i.e. for FY 2023-24 & 2024-25 and want to participate in the above proceeding may file their objections/suggestions, if any, on the present petition of M/s. TPWODL by **16.01.2026** with a copy to TPWODL. TPWODL is to file its rejoinder to the objections/suggestions of the Respondents by **27.01.2026** with a copy to the Respondents. Those who are interested to participate in the public hearing through video conferencing should also indicate their e-mail address & mobile number respectively to the Commission at OERC e-mail (oerc.vc@gmail.com) beforehand.

By Order of the Commission
Dated. 17.12.2025 Sd/- SECRETARY

# ଜଗଦୀଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କର୍ଲାମୁଣ୍ଡା, ୧୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡ଼ା ପଞ୍ଚାୟତ ଜଗଦିଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । କ୍ରୀଡା ଉତ୍ସବର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରସାଗର ସାହୁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ରେଗଡ଼ା ସରପଞ୍ଚ ଦୀପ୍ତିରାଣୀ ସାହୁ, ସମ୍ମାନିତ ଅତିଥି ଭାବେ ରେଗଡ଼ା ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଆୟୁଷ ଡାକ୍ତର ଆଶୁତୋଷ ମିଶ୍ର, ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ ରେଗଡ଼ାର ପ୍ରଧାନଶିକ୍ଷକ ଶୈଳେନ୍ଦ୍ର ନାଏକ, କର୍ଲାମୁଣ୍ଡା ଶିକ୍ଷକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ ଓ ସମ୍ପାଦକ ସଞ୍ଜୟ ଦାସ, ରେଗଡ଼ାଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ ସନ୍ଧ୍ୟାରାଣୀ ବାଗ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସେନାପତି ବଗର୍ତ୍ତୀ ପ୍ରମୁଖ ଯୋଗ ଦେଇ କ୍ରୀଡା ଶିଶୁମାନଙ୍କର ଶାରୀରିକ ବିକାଶ ସହିତ ଶିଷ୍ଟାଚାର ଓ ଆତ୍ମବିଶ୍ୱାସ ବୃଦ୍ଧି କରେ ବୋଲି ମତପ୍ରକାଶ କରିଥିଲେ । ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । କ୍ରୀଡା ଉତ୍ସବକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

## ବୁଢ଼ାରଜା କ୍ରିକେଟ କପ୍ ସିଜନ-୭

# ବାଲିଗୁଡାକୁ ହରାଇ ଫାଇନାଲରେ ସୁନ୍ଦରଗଡ଼

**ସିନାପାଲି, ୧୯ ।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝରସ୍ଥିତ ବୁଢ଼ାରଜା କ୍ରିକେଟ ପଡ଼ିଆରେ ଚାଲିଥିବା ବୁଢ଼ାରଜା କ୍ରିକେଟ ଟୁର୍ଣାମେଣ୍ଟ ସିଜନ- ୭ର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ବାଲିଗୁଡ ଏକାଦଶ କୁ ହରାଇ ସୁନ୍ଦରଗଡ଼ ଏକାଦଶ ଫାଇନାଲରେ ପ୍ରବେଶ କରିଛି । ଆଜିର ମ୍ୟାଚ୍‌ରେ ବାଲିଗୁଡ଼ ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୭.୫ ଓଭରରେ ସମସ୍ତ ୱିକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା । ଜବାବରେ ସୁନ୍ଦରଗଡ଼ ଏକାଦଶ ୧୨.୩ ଓଭରରେ ୩ ୱିକେଟ ହରାଇ ୧୦୬ ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି । ଆଜିର ମ୍ୟାଚ୍‌ରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବରେ ସୁନ୍ଦରଗଡ଼ ଏକାଦଶର ଆଜାର ୧୫ ରନ ସଂଗ୍ରହ କରିବା ସହ ୩ ୱିକେଟ ଅକ୍ତିଆର କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ପ୍ରତିଯୋଗୀତାର ଗ୍ରୁପ 'ଏ' ଓ ଗ୍ରୁପ 'ସି' ମଧ୍ୟରେ ଫାଇନାଲ କୁ ସୁନ୍ଦରଗଡ଼ ଏକାଦଶ ଫାଇନାଲ କୁ ପ୍ରବେଶ କରିଥିବା ବେଳେ ଗ୍ରୁପ 'ବି' ଓ ଗ୍ରୁପ 'ଡି' ମଧ୍ୟରୁ ବିଜେତା ମଧ୍ୟରେ ଫାଇନାଲ ମୁକାବିଲା ହେବ । ଆଜିର ସେମି ଫାଇନାଲ ମ୍ୟାଚ୍‌ର ମୁଖ୍ୟ ଅତିଥି ଭାବରେ ସିନାପାଲି ବିଡ଼ିଓ କାର୍ମୀ ଓରାମ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସିନାପାଲି ତହସିଲ ଅତିରିକ୍ତ ତହସିଲଦାର ମନୋରଞ୍ଜନ କେରକେଟା, କଳାହାଣ୍ଡି ଜିଲ୍ଲା ଚିଟିଆ ଏମ ସି କ୍ରିକେଟ ଆସୋସିଏସନ୍ ର ସଭାପତି ପ୍ରଦୀପ କୁମାର ପଟେଲ, ଛତିଶଗଡ଼ର ବସନ୍ତ ସିହ୍ନା, ନରୋତ୍ତମ ସିହ୍ନା ପ୍ରମୁଖ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଅମ୍ପାୟାର ଭାବରେ ଗଗନ ବିହାରୀ ନାଏକ ଓ ଧନଞ୍ଜୟ ମେହେର ଖେଳ ପରିଚାଳନା କରିଥିବା ବେଳେ ମ୍ୟାଚ୍ ରେଫରି ଭାବରେ ଦେବେନ୍ଦ୍ର ନାରାୟଣ ନାଏକ କାର୍ଯ୍ୟ ତୁଲାଇଥିଲେ । ଉଦଘୋଷକ ଭାବରେ ପ୍ରକାଶ ପାତ୍ର, ବିଜୁ ସେଠି, ଭିମରାଜ ତାଣ୍ଡି, ଧନଞ୍ଜୟ ମଲ୍ଲିକ ରହି ହିନ୍ଦୀ, ଓଡଆ, ଇଂରାଜୀ ରେ ଧାରାବିବରଣି ପ୍ରଦାନ କରିଥିଲେ । ସେହିପରି ସ୍କୋର ର ଭାବରେ ଶାନ୍ତନୁ ବୈଠାରୁ, ଆକାଶ ବୈଠାରୁ, ପ୍ରଦୀପ ନାୟକ, ପ୍ରକାଶ ମାଝି ସ୍କୋରର ଭାବରେ ରହିଥିଲେ ।




# ଦୁର୍ଗା ମାଧବ ହାଇସ୍କୁଲରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ

**କଲମପୁର, ୧୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଦୁର୍ଗା ମାଧବ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ମୁଣ୍ଡଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ କଲମପୁର ଥାନା ଅଧିକାରୀ ବିଶ୍ୱମ୍ବର କହଁର, ମୁଖ୍ୟବକ୍ତା ଭାବେ ପରମ ଜ୍ୟୋତି ନେଗୀ ଉପସ୍ଥିତ ରହିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ କିଶୋର ପଣ୍ଡା ସଭାପତିତ୍ୱ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁଭେନ୍ଦୁ କୁମାର ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ମନ୍ମଥ ପଣ୍ଡା ଓ ବୁଦ୍ଧିମାନ ଜଗରିଆ ଉପସ୍ଥିତ ଥିଲେ ।ବାର୍ଷିକ କ୍ରିଡ଼ା ଉତ୍ସବ ପରିପ୍ରେକ୍ଷିରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲାୟ । ଚଳିତ ବର୍ଷ ଶ୍ରେଷ୍ଠ ଛାତ୍ର ଭାବେ ନାରାୟଣ ଗହିର, ଭଲ ଉପସ୍ଥାନ ପାଇଁ ସ୍ୱସ୍ତିକା ଖମାରି, ଭଲ ସ୍ୱେଚ୍ଛାସେବୀ କ୍ରିଷ୍ଣା ପ୍ରସାଦ ନାଏକ, ଶୃଙ୍ଖଳାରେ ଜୟନ୍ତ କରୁଆଁଙ୍କୁ ପୁରସ୍କୃତ କରାଯାଇଛି । କ୍ରିଡା ସିନିୟର ଚାମ୍ପିଅନ ଭାବେ ପିୟୁସ ଦୁର୍ଗା, ଜୁନିୟର ହିମାଂଶୁ ବେଶ୍ରା, ସିନିୟର ଗାର୍ଲ୍ସ ଚମ୍ପା କୁମାର, ଜୁନିୟର ପ୍ରଭାସିନୀ ରଣାକୁ ପୁରସ୍କୃତ କରାଯାଇଛି । ଏଥିରେ ଆଶା କର୍ମୀ ସଞ୍ଜୁ ବାଗ, ଅଙ୍ଗନବାଡି କର୍ମୀ ଭାରତୀ ସୁନାନୀ ଉପସ୍ଥିତ ରହିଥିଲେ । 'ସକାଳ'ର କଲମପୁର ପ୍ରତିନିଧି ସୁରେନ୍ଦ୍ର କୁମାର ନାଏକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ପ୍ରେମ ସାଗର ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଟିକୁନ୍ତଳା ଦୁର୍ଗା ଧନ୍ୟବାଦ ଅର୍ପଣ କରିଥିଲେ । ଦିତୀୟ ଅଧିବେଶନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ଅଭିଭାବକ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

# ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




**କୋକସରା, ୧୯ ।୧୨(ସମିସ):** କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରଏନଗୁଡାରେ ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସିଆରସିସି ସୁମନ୍ତ କୁମାର ଠାକୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ । ମା'କାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପେନ୍ଦ୍ର ରାଉତ ମୁଖ୍ୟବକ୍ତା, ପରିଚାଳନା କମିଟି ଅଧକ୍ଷ ନରେଶ କୁମାର ନାଏକ, ଭଜମନ ନାଏକ, ସାମ୍ବାଦିକ ଜଗଦୀଶ ନାଏକ, ହରିଶ୍ଚନ୍ଦ୍ର ନାଏକ, ଡମ୍ବରୁଧର ମାଝି ପ୍ରମୁଖ ଯୋଗଦେଇ କ୍ରୀଡ଼ା ଦ୍ୱାରା ଶାରୀରିକ, ମାନସିକ ବୃଦ୍ଧି ହେବା ସାଙ୍ଗକୁ ପାଠ ପଢ଼ାରେ ମନ ଲାଗିବ ବୋଲି ଉଦ୍‌ବୋଧନ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ନେଇ ଖେଳକୁଦ ପ୍ରତିଯୋଗିତା ହୋଇଥିଲା । କୃତିତ୍ୱ ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ରୀଡା ଉତ୍ସବର ବିଭିନ୍ନ ପ୍ରତିଯୋଗିତାକୁ ଖେଳଶିକ୍ଷକ ଟିକଚନ ବାଗ ପରିଚାଳନା କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବ ମଞ୍ଚକୁ ଶିକ୍ଷକ ଲକ୍ଷ୍ମୀଧର ସେନାପତି ସଂଯୋଜନା କରିଥିଲେ । ଶିକ୍ଷକ ଘନଶ୍ୟାମ ବେହେରା, କପିଳେନ୍ଦ୍ର ସିଂହଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ପରିଚାଳନାରେ ସହେଯାଗ କରିଥିଲେ ।

## ବିପଦକୁ ଆମନ୍ତ୍ରଣ

# ରାସ୍ତାକଡ଼ରେ ପଡ଼ିଛି ପାଣି ପାଇପ୍

**କେସିଙ୍ଗା, ୧୯ ।୧୨(ସମିସ)**

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହର ରେ ଟ୍ରାଫିକ ସମସ୍ୟା ସମସ୍ତଙ୍କୁ ଜଣା । ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ନିତିଦିନିଆ କଥା । ରାସ୍ତା କଡ଼ରେ ଛୋଟ ବଡ଼ ଗାଡ଼ି ର ବେନିୟମ ପାର୍କିଂ ଟ୍ରାଫିକ୍‌କୁ ଅଧିକ ଜଟିଳ କରୁଛି । ପ୍ରଶାସନ ଦେଖି ଆଖି ବନ୍ଦ କରିଦେଇଛି । ସହରରେ ଟ୍ରାଫିକର ଏତେ ସମସ୍ୟା ରହିଥିବା ବେଳେ ସେପଟେ କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ଓ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଆଜକୁ ପ୍ରାୟ ୬ ମାସ ତଳେ ଏନ୍ଏଚ କଡ଼ରେ ବଡ଼ବଡ଼ ପାଣି ପାଇପ କିଏ ପକାଇ ଭୁଲି ଯାଇଛି । ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ପକା ଯାଇଛି ନା ଠିକା ସଂସ୍ଥା ପାଇପ ପକାଇଛି ଜଣାପଡୁନାହିଁ । ମୁଖ୍ୟତଃ କେସିଙ୍ଗା ଏନ୍ଏସି କାର୍ଯ୍ୟାଳୟ ତଳ ରାସ୍ତାରେ ଥିବାରୁ ଏନ୍ଏସିକୁ ବିଭିନ୍ନ କାମରେ ଆସୁଥିବା ଲୋକେ ପାଇପ ପଡ଼ିଥିବା ଯୋଗୁଁ ମଟରସାଇକଲ ରଖିବା ପାଇଁ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏନ୍ଏଚ କଡ଼ରେ ରାସ୍ତାକୁ ଲାଗି ପ୍ରାୟ ୬ ମାସ ହେବ ପାଇପ ପଡ଼ିଛି କିନ୍ତୁ ରାଜପଥ ବିଭାଗଚୁପ ବସିଛି । ଆଜି ପର୍ଯ୍ୟନ୍ତ କିଛି ଦୁର୍ଘଟଣା ଘଟିନାହିଁ ସତକଥା ହେଲେ ଆଗକୁ କୌଣସି ଦୁର୍ଘଟଣା ଘଟିଲେ ଦାୟୀ କିଏ ରହିବ? ସମ୍ପୃକ୍ତ ଠିକା ସଂସ୍ଥା ନା ଜନସ୍ୱାସ୍ଥ୍ୟ ବିଭାଗ ନା ରାଜପଥ ବିଭାଗ । ଯଦି ପାଇପ ଲାଇନ ବିଛାଇବା ପାଇଁ ପାଇପ ଯଦି ରଖାଯାଇଛି ତାହାହେଲେ ୬ ମାସ ହେଲାଣି କାହିଁକି କାମ କରାଯାଇ ପାଇପ ବିଛା ଯାଉନାହିଁ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି । ଯଥା ଶୀଘ୍ର ପାଇପ ବିଛା ଯାଉ ନ ହେଲେ ପାଇପକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ସାଧାରଣରେ ଦାବି ହେଉଛି ।



**ତୁରନ୍ତ ଟୋକନ ପ୍ରଦାନ ଦାବି**

# ୨୧ ତାରିଖ ସୁଦ୍ଧା ଧାନ ନ କିଣିଲେ ଆନ୍ଦୋଳନ

ମନମୁଣ୍ଡା,୧୯ ।୧୨(ସମିସ): ତୁରନ୍ତ ଚାଷୀଙ୍କୁ ଟୋକନ ପ୍ରଦାନ ବ୍ୟବସ୍ଥା କରିବା ସହ ଆସନ୍ତା ୨୧ ତାରିଖ ସୁଦ୍ଧା ଧାନ କ୍ରୟ କରାଯାଉ। ଅନ୍ୟଥା ସେବା ସମବାୟ ସମିତି ଘେରଉ ସହ ରାସ୍ତାରେ ଆନ୍ଦୋଳନ କରାଯିବ। ମନମୁଣ୍ଡା ଅଞ୍ଚଳର ଚାଷୀ ଏହି ଚେତାବନୀ ଦେଇଛନ୍ତି। ଗତ ୧୬ ତାରିଖରେ ମନମୁଣ୍ଡା ପ୍ୟାକ୍ସରେ ବୌଦ୍ଧ ଜିଲ୍ଲାର ଧାନ କ୍ରୟ ଶୁଭାରମ୍ଭ କରାଯାଇଥିଲା। ବୌଦ୍ଧ ଜିଲ୍ଲାପାଳ ଓ ଜିଲ୍ଲାର ଅନ୍ୟ ଅଧିକାରୀ ଓ ଶତାଧିକ ଚାଷୀଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଏହାର ଶୁଭାରମ୍ଭ କରିଥିଲେ। ନଭେମ୍ବର ମାସରେ ବିକ୍ରି ପାଇଁ ଅନେକ ଚାଷୀ ଆବେଦନ ପତ୍ରରେ ଉଲ୍ଲେଖ କରିଥିଲେ। ସେଇ ମାସରେ ଧାନ ସଂଗ୍ରହ ଅଭିଯାନ ଆରମ୍ଭ ହେବା କଥା; କିନ୍ତୁ ଡିସେମ୍ବର ମାସରେ ଏହାର ଶୁଭାରମ୍ଭ କରାଯାଇଛି। ନଭେମ୍ବର ମାସରେ ବିକ୍ରି ପାଇଁ ଆବେଦନ କରିଥିବା ଅନେକ ଚାଷୀଙ୍କ ଟୋକନ ଅଦ୍ୟାବଧି ଆସିନାହିଁ। ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ ମଧ୍ୟ ହେଉ ନାହିଁ। ଏହାଫଳରେ ଚାଷୀ ଚିନ୍ତାରେ ପଡ଼ି ଯାଇଛନ୍ତି। ଧାନ ସଂଗ୍ରହ ଶୁଭାରମ୍ଭ ଦିନ ମନମୁଣ୍ଡା ମଣ୍ଡିରେ ମାତ୍ର ୩ ଜଣ ଚାଷୀଙ୍କଠାରୁ ୧୧୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ସେହି ଦିନଠାରୁ ଧାନ ସଂଗ୍ରହ ତଥା କ୍ରୟ ନିୟମିତ କରାଯିବ ବୋଲି ଅଧିକାରୀଗଣ କହିଥିଲେ। ସେହି ପ୍ରକାରେ ଟୋକନ ପାଇଥିବା ଚାଷୀ ମଣ୍ଡିରେ ଧାନ ଗଦାଇ ରଖିଛନ୍ତି ଓ ଶୀତ କାକରରେ ଦିନ ରାତି ଜଗି ରହିଛନ୍ତି; କିନ୍ତୁ ଉଦ୍‌ଘାଟନ ଦିନ ପରଠାରୁ ଆଉ ଧାନ କ୍ରୟ କରାଯାଉ ନାହିଁ। ମିଲ୍‌ମାଲିକ ଗାଡ଼ି ପଠାଉ ନ ଥିବାରୁ ଏପରି ଅବ୍ୟବସ୍ଥା ହେଉଥିବା କୁହାଯାଇଛି। ସରକାର ଧାନ ସଂଗ୍ରହ ପାଇଁ ପ୍ୟାକ୍ସକୁ ଦାୟିତ୍ୱ ଅର୍ପଣ କରିଛନ୍ତି। ମିଲ୍‌ମାଲିକ ଗାଡ଼ି ପଠାଇବା ନ ପଠାଇବା ସେନେଇ ଚାଷୀଙ୍କ କିଛି ଯାଏଆସେ ନାହିଁ। ତାହା ପ୍ରଶାସନର ମୁଣ୍ଡ ବ୍ୟଥା, ଚାଷୀ କାହିଁକି ହଇରାଣ ହେବେ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଟୋକନ ପାଇ ନ ଥିବା ଚାଷୀଙ୍କୁ ତୁରନ୍ତ ତାହା ଯୋଗାଇ ଦେବାର ବ୍ୟବସ୍ଥା କରିବା ସହ ଆସନ୍ତା ୨୧ ତାରିଖ ସୁଦ୍ଧା ଧାନ କ୍ରୟ ପୁନଃ ଆରମ୍ଭ ନ କଲେ ମନମୁଣ୍ଡା ସେବା ସମବାୟ ସମିତି ଓ ମଣ୍ଡି ଘେରଉ କରିବା ସହ ରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ମନମୁଣ୍ଡା ପ୍ୟାକ୍ସ ଅଧୀନ ଚାଷୀ ମନମୁଣ୍ଡାର ରାଜ କୁମାର ନାୟକ, ଗଣେଶ୍ୱର ପାତ୍ର, ବାସୁଦେବପାଲିର ପ୍ରିୟ ସେଠୀ, ନୃର୍ପାର ରଞ୍ଜନ ପଟ୍ଟନାୟକ, ଗୁନା ଦାନୀ, ଡାଙ୍ଗମୁଣ୍ଡା ପଦ୍ମନାଭ ମିଶ୍ର, ସୁଦାମ କ୍ଷେତି, ଉଚବାହାଲି ଗ୍ରାମର ମାନଭଞ୍ଜନ ଭୋଇଙ୍କ ନେତୃତ୍ୱରେ ଶତାଧିକ ଚାଷୀ ମନମୁଣ୍ଡା ସେବା ସମବାୟ ସମିତି ତଥା ପ୍ୟାକ୍ସ ସମ୍ପାଦକ ମୃତ୍ୟୁଞ୍ଜୟ ହୋତା ଙ୍କୁ ଏନେଇ ଏକ ଦରଖାସ୍ତ ପ୍ରଦାନ କରିଛନ୍ତି।



# ଧାନବିକ୍ରି ସମସ୍ୟାକୁ ନେଇ ଗର୍ଜିଲେ ଚାଷୀ

ବିନିକା,୧୯ ।୧୨(ସମିସ)

ଚଳିତ ଖରିଫ ଋତୁରେ ଅମଳ ଧାନ ବିକ୍ରି ନେଇ ନାହିଁ ନ ଥିବା ସମସ୍ୟା ସୃଷ୍ଟି ହେଲାଣି; ଯାହା ଫଳରେ ଚାଷୀ ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଏହାର ସମାଧାନ ନେଇ ବିନିକା ଅଞ୍ଚଳର ଶତାଧିକ ଚାଷୀ ଏକ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ଅତିରିକ୍ତ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ଆସି ନ ଥିବା ଚାଷୀଙ୍କ ଟୋକନ ଆସନ୍ତା ୭ଦିନ ମଧ୍ୟରେ ପ୍ରଦାନ

**ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ**

କରାଯାଉ। ଜାନୁଆରୀ ମାସ ମଧ୍ୟରେ ସମସ୍ତ ଚାଷୀଙ୍କ ଧାନ କ୍ରୟ କରାଇବାର ବ୍ୟବସ୍ଥା କରାଯାଉ। ଯଦି ତୁରନ୍ତ ତୁରନ୍ତ ସମାଧାନ କରା ନ ଯାଏ ତେବେ ଯାହା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ତେବେ ଅଞ୍ଚଳରେ କାଁ ଭାଁ ମଣ୍ଡି ଖୋଲିଛି। ଯେଉଁ କେତେକ ମଣ୍ଡି ଖୋଲିଛି ସେଠାରୁ ଠିକ ଭାବେ ଧାନ ଉଠୁନାହିଁ। ଏହାଫଳରେ ଟୋକନ ପାଇ ମଣ୍ଡିକୁ ନେଇଥିବା ଧାନକୁ ଚାଷୀ ପ୍ରଚଣ୍ଡ ଶୀତ କାକରରେ ଅନିଦ୍ରା ରହି ଦୁଃଖ କଷ୍ଟରେ ଜଗି ରହିଛି। ସେହିପରି ଅଧିକାଂଶ ଚାଷୀଙ୍କର ଟୋକନ୍ ବର୍ତ୍ତମାନ ସୁଦ୍ଧା ଆସି ନ ଥିବାରୁ ଚାଷୀ ତା' କଷ୍ଟ ଉପାର୍ଜିତ ଅମଳ ଧାନକୁ ବିଭିନ୍ନ ଚାଷ ଜମି, ପଡ଼ିଆ, ଖଳାରେ ସାଇଟି ରଖି ଦିନରାତି ଜଗି ରହିଥିବା ଦେଖିବାକୁ ମିଳିଛି। ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷର ଟୋକନ ଆସିବାରେ ବିଳମ୍ବ ହେବା ଏବଂ ଧାନ କ୍ରୟ କରି ନ ପାରିବାରୁ ବିନିକା ଅଞ୍ଚଳର ବିଭିନ୍ନ ଗ୍ରାମର ଶତାଧିକ ଚାଷୀ ସ୍ଥାନୀୟ ଆରଏମସିଠାରେ ଏକଜୁଟ ହୋଇଥିଲେ। ସେଠାରେ ଧାନ ବିକ୍ରି ସମସ୍ୟା ନେଇ ଅନୁଷ୍ଠିତ ବୈଠକରେ ଚାଷୀ ନିଜର ମତ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ସୁଦ୍ଧା ୯୫ପ୍ରତିଶତ ଚାଷୀଙ୍କ ଅମଳ ଧାନ କ୍ରୟ ହୋଇ ନ ପାରିବା ନେଇ ଚାଷୀ ଅସନ୍ତୋଷ ତୀବ୍ର ହୋଇଥିଲା।

## ମଣ୍ଡି ସମସ୍ୟାକୁ ନେଇ ରାସ୍ତାରେ ବସିଲେ ଚାଷୀ



ଡୁଙ୍ଗୁରିପାଲି,୧୯ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସାରସମାଲର ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ଚାଷୀମାନେ ଧାନର ଅଭାବୀ ବିକ୍ରି ଓ ଟୋକନ ସମସ୍ୟାକୁ ନେଇ ରାସ୍ତାକୁ ଓହ୍ଲାଇଛନ୍ତି। ବରପାଲି-ସୋନପୁର ମୁଖ୍ୟ ରାସ୍ତା ସାରସମାଲି ଛକରେ ଧାନ ରଖି ରାସ୍ତା ରୋକ କରିଥିଲେ। ଏଥିଯୋଗୁ ଉଭୟ ପାର୍ଶ୍ୱରେ ବହୁ ସଖ୍ୟାରେ ଯାନବାହାନ ଅଟକି ରହିଥିଲା। ସୋନପୁର ଜିଲ୍ଲାରେ ଗତ ୯ ତାରିଖରୁ ମଣ୍ଡି ଖୋଲିଛି। ସାରସମାଲ ମଣ୍ଡିରୁ କିନ୍ତୁ ଆଜି ପର୍ଯ୍ୟନ୍ତ ମୁଠାଏ ଧାନ ଉଠିନି। ପାଖାପାଖି ୭୦ ପ୍ରତିଶତ ଚାଷୀଙ୍କ ଟୋକନ ଆସିନି। ଏହା ଦ୍ୱାରା ଧାନର ଅଭାବୀ ବିକ୍ରି ଦେଖା ଦେଇଛି। ଚଳିତ ଖରିଫ ଧାନକିଣା ପାଇଁ ଏହି ମଣ୍ଡିରେ ପ୍ରାୟ ୨୮ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହେବାକୁ ରହିଛି। ଏ ପର୍ଯ୍ୟନ୍ତ କିନ୍ତୁ ୩୦ ପ୍ରତିଶତ ଚାଷୀଙ୍କ ଟୋକନ ଆସିଛି। ବିଭାଗ ପକ୍ଷରୁ ପ୍ରଥମ କରି ୭ ହଜାର ୬୮୬ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ ଆସିଛି। ଏହିଭଳି ମଣ୍ଡି ଅବ୍ୟବସ୍ଥାକୁ ନେଇ ଚାଷୀ ତାତିବା ସହ ରାସ୍ତାକୁ ଓହ୍ଲାଇଥିଲେ। ୭ ଘଣ୍ଟାର ଆନ୍ଦୋଳନ ପରେ ଆନ୍ଦୋଳନସ୍ଥଳକୁ ଜିଲ୍ଲା ଯୋଗାଣ ଅଧିକାରୀ ନିରୋଦ ଦାସ ଆସିଥିଲେ। ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ।

## ବିଡିଓଙ୍କ ଦୁର୍ଗମ ସବେରୀ ଗାଁ ପରିଦର୍ଶନ

ହରଭଙ୍ଗା,୧୯ ।୧୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଆଡେଣିଗଡ ପଞ୍ଚାୟତର ପାହାଡ ମଥାନରେ ରହିଥିବା ଦୁର୍ଗମ ସବେରୀ ଗାଁରେ ହରଭଙ୍ଗା ବିଡିଓ ବିଜୟ ପ୍ରଧାନ ପହଞ୍ଚିଛନ୍ତି। ସେଠାରେ ରହୁଥିବା ଅଧିବାସୀଙ୍କ ସମସ୍ୟା ବୁଝିବା ସହ କେତେଜଣ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଗ୍ରାମୀଣ ଆବାସରେ ସେମାନଙ୍କୁ ଘର ମିଳିଥିଲେ ସୁଦ୍ଧା ନିର୍ମାଣ ସାମଗ୍ରୀ ପାହାଡ ଉପରକୁ ଆସିପାରୁ ନ ଥିବାରୁ ଲୋକେ ଘର ନିର୍ମାଣରୁ ବଞ୍ଚିତ ଥିବା ବିଡିଓ ଜାଣିବାକୁ ପାଇଥିଲେ। ଏ ଦିଗରେ ସେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହା ସହିତ ସେମାନେ କିପରି ରୋଜଗାରକ୍ଷମ ହୋଇପାରିବେ ସେ ଦିଗରେ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଛେଳି ଚାଷ ପାଇଁ ପର୍ଯ୍ୟାପ୍ତ ସୁବିଧା ଥିବାରୁ ଏହି ଚାଷ କରିବା ଦିଗରେ ଲୋକଙ୍କୁ ବୁଝାଇଥିଲେ। ଏହା ସହ ମନରେଗା ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତାକାର୍ଯ୍ୟ ପରିଦର୍ଶନ କରିଥିଲେ। ସବେରୀ ସହ ଏହା ନିକଟରେ ଥିବା ବାଲେଜୁ, ଆଡାପାଜୁ ପରିଦର୍ଶନ କରିଥଲେ। ବିଡିଓଙ୍କ ପରିଦର୍ଶନ ସମୟରେ କନିଷ୍ଠ ଯନ୍ତ୍ରୀ ପ୍ରଣବ ବେହେରା, ପିଇଓ ଦିଲ୍ଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଏକ ପେଡ୍ ମା' କେ ନାମ୍‌ର ସମୀକ୍ଷା

ବୌଦ୍ଧ,୧୯ ।୧୨(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପେଡ ମା କେ ନାମ୍ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୁଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି.ଭି. ରମଣ ରାଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ ସମୀକ୍ଷା

ବୌଦ୍ଧ,୧୯ ।୧୨(ସମିସ): ବୌଦ୍ଧ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳ ଛାୟା ବିକାଶ ନିର୍ଦ୍ଦେଶକ ସୁବ୍ରତ ପଣ୍ଡା ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନିର୍ଦ୍ଦେଶକ ଶ୍ରୀ ପଣ୍ଡା ବୌଦ୍ଧ ଜିଲ୍ଲା ଗସ୍ତରେ ଆସି କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଭାଗ ପକ୍ଷରୁ ଜିଲ୍ଲାରେ ଚାଲିଥିବା ଜଳ ଛାୟା ବିକାଶ ପ୍ରକଳ୍ପ ଗୁଡିକର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ପରେ ବିଭିନ୍ନ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରିଥିଲେ।

## ଜଳଛାୟା ବିକାଶ ନିର୍ଦ୍ଦେଶକଙ୍କ କଣ୍ଟାମାଳ ଗସ୍ତ

ବୌଦ୍ଧ,୧୯ ।୧୨(ସମିସ): ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିକାଶ ବିଭାଗର ନିର୍ଦ୍ଦେଶକ ସୁବ୍ରତ ପଣ୍ଡା ନିଜ ବିଭାଗର ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରିଛନ୍ତି। କଣ୍ଟାମାଳ ବ୍ଲକର ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାର ପ୍ରକଳ୍ପ, ମନରେଗା ଫାର୍ମ ପଣ୍ଡ ଆଦି ସେ ପରିଦର୍ଶନ କରିଛନ୍ତି। ସେହିପରି ହରଭଙ୍ଗା ବେଲପଦର, ରାମଗଡ଼ ଆଦି ଗ୍ରାମର ଉଦ୍ୟାନ କୃଷି ଫାର୍ମ ଓ କଦଳୀ ଫାର୍ମ ଆଦି ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଯୋଗୀନ୍ଦ୍ର ନାଥ ମହାପାତ୍ର, ମୃତ୍ତିକା ସଂରକ୍ଷଣ ଅଧିକାରୀ ଚିନ୍ତାମଣି ଜେନା ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିନିକା ଆଦର୍ଶ ବିଦ୍ୟାଳୟରେ ତାରାପୁର ଉତ୍ସବ

ବିନିକା,୧୯ ।୧୨(ସମିସ): ବିନିକା ଆଦର୍ଶ ବିଦ୍ୟାଳୟରେ ଚତୁର୍ଥ ତାରାପୁର ଉତ୍ସବ ପାଳିତ ହୋଇଛି। ଅଧ୍ୟକ୍ଷ ବିମଳ ବିଶ୍ୱାଳଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ସୋନପୁର ବିଧାୟକ ନିରଞ୍ଜନ ପୁଝାରୀ, ଡ. ପ୍ରମୋଦ ପଣ୍ଡା, ବିନିକା ନଗରପାଗ ସୁବାସ ଭୋଇ, ଅବସରପ୍ରାପ୍ତ ଶିକ୍ଷକ ଲମ୍ବୋଦର ତ୍ରିପାଠୀ, ପୂର୍ବତନ ବ୍ଲକୟ ଅଧ୍ୟକ୍ଷ ଅଶୋକ ନନ୍ଦ, ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା ମଞ୍ଚାସୀନ ଥିଲେ। ଶିକ୍ଷକ ଅର୍ଜୁନ ଝାଙ୍କରଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ଅଭିଷେକ ନାଏକ ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ପରିତୋଷ ବାର୍ଷିକ ବିବରଣୀ ପଠନ କରିଥିବାବେଳେ ଶିକ୍ଷକ ଶୁଭମ ଶୁକ୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜ୍ୟସ୍ତରୀୟ ବରିଷ୍ଠ ମହିଳା ମୁଷ୍ଟିଯୋଦ୍ଧା ଚୟନ ପ୍ରତିଯୋଗିତା**

## ବୀରମହାରାଜପୁରର ଶାନ୍ତି ଭୋଇ ଜାତୀୟସ୍ତରକୁ ଚୟନ

ବୀରମହାରାଜପୁର,୧୯ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ଶାନ୍ତି ଭୋଇ ରାଜ୍ୟସ୍ତରୀୟ ବରିଷ୍ଠ ମହିଳା ମୁଷ୍ଟିଯୋଦ୍ଧା ଚୟନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଜାତୀୟ ସ୍ତରକୁ ମୋନନୀତ ହୋଇଛନ୍ତି। ୨ ଦିନ ଧରି ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ବରିଷ୍ଠ ମହିଳା ଓ ପୁରୁଷ ବିଭାଗରେ ମୁଷ୍ଟି ଯୋଦ୍ଧା ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ନବମ ରାଜ୍ୟସ୍ତରୀୟ ବରିଷ୍ଠ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତାରେ ବୀରମହାରାଜପୁର ବ୍ଲକ୍ ସଂଗ୍ରାମପୁର ପଞ୍ଚାୟତ ବଡାକଟା ଗ୍ରାମର ଶାନ୍ତି ୪୮ କିଗ୍ରା ବର୍ଗରେ ପ୍ରଥମ ସ୍ଥାନ ଅଂଶ ଗ୍ରହଣ କରିଥିଲେ। ତେବେ ଶାନ୍ତିଙ୍କ ଏହି ସଫଳତା ଜାଣିବା ପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ସାହୁ, ରାଜ୍ୟ ଶାରୀରିକ ଶିକ୍ଷକ ସଂଘ୍ ସମ୍ପାଦକ ରାମ କୁମାର ସାହୁ, ଜିଲ୍ଲା ଦୌଡ କୁଦ ସଂଘର ସମ୍ପାଦକ ପିୟୁଷ ପଣ୍ଡା, କୋଚ୍ ରାଜେଶ ମେଣ୍ଡଲି ଶୁଭେଚ୍ଛା ଜଣାଇଛନ୍ତି।



## ୨୭ ହଜାରରୁ ଅଧିକ ଗଞ୍ଜେଇ ଗଛ ନଷ୍ଟ

ଶଗଡା,୧୯ ।୧୨(ସମିସ): ବୌଦ୍ଧ ସଦର ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରାଯାଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଲମ୍ବସରୀ ପଞ୍ଚାୟତ ମାତାକୁପା ଗ୍ରାମ୍ୟ ଜଙ୍ଗଲ ଓ ସଂରକ୍ଷିତ ଜଙ୍ଗଲରେ ୨୨ଏକର ପରିମିତ ଜଙ୍ଗଲରେ ବେଆଇନ ଭାବେ ଚାଷ ହୋଇଥିବା ୨୭ ହଜାର ୨୮୦ ଗଞ୍ଜେଇ ଗଛକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କାଟି ପୋଡି ନଷ୍ଟ କରାଯାଇଛି। ଏହି ଚଢ଼ଉରେ ବୌଦ୍ଧ ଅବକାରୀ, ବନ ବିଭାଗ କର୍ମଚାରୀ, ପୁଲିସ ସାମିଲ ଥିଲେ।

## ରଶ୍ମିତା ବିଜେପି ସୋନପୁର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ

ତରଭା,୧୯ ।୧୨(ସମିସ): ସୋନପୁର ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ଭାବେ ରଶ୍ମିତା ଷଡ଼ଙ୍ଗୀଙ୍କୁ ଦାୟିତ୍ୱ ଦିଆଯାଇଛି। ରଶ୍ମିତା ତରଭା ବ୍ଲକ୍ ସରଗଜ ଗ୍ରାମର ସଂଜୀବ ମିଶ୍ରଙ୍କ ସହଧର୍ମିଣୀ। ରଶ୍ମିତାଙ୍କ ନିଜଘର ବୀରମହାରାଜପୁର ସଦର ମହକୁମା ନିକଟସ୍ଥ ବାଘମାରି (କର୍ଣ୍ଣପାଲି)



ଗ୍ରାମରେ। ଗତ ସାଧାରଣ ନିର୍ବାଚନରେ ସେ ମିଡିଆ ସେଲ୍ ଅଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ କର୍ତ୍ତବ୍ୟ ନିଷ୍ଠା ଯୋଗୁଁ ତାଙ୍କୁ ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରତିକ୍ରିୟାରେ ତୃଣମୂଳସ୍ତରରୁ ମହିଳା ସଂଗଠନକୁ ମଜବୁତ କରିବେ ବୋଲି ରଶ୍ମିତା କହିଛନ୍ତି।

**ଦହିବରା ଖାଇ ୭୦ରୁ ଅଧିକ ଅସୁସ୍ଥ ଘଟଣା**

## ଗବଯୋରରେରେ ପରିସ୍ଥିତି ଆୟତ୍ତାଧୀନ

ମନମୁଣ୍ଡା,୧୯ ।୧୨(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶିମିଳିପଦର ପଞ୍ଚାୟତ ଗବଯୋର ଗ୍ରାମରେ ଦହିବରା ଖାଇ ୭୦ରୁ ଅଧିକ ଅସୁସ୍ଥ ହେବା ଘଟଣାରେ ପରିସ୍ଥିତି ଆୟତ୍ତାଧୀନ ରହିଛି। ଦୁଇ ଦିନ ଧରି ସ୍ୱାସ୍ଥ୍ୟ ବିଭାଗର ଅକ୍ଲାନ୍ତ ପରିଶ୍ରମ ଫଳରେ ଅସୁସ୍ଥମାନେ ସୁସ୍ଥ ହୋଇଛନ୍ତି। ଗୁରୁବାର ସାପ୍ତାହିକ ବଜାରରେ ଜଣେ ଦହିବରା ବ୍ୟବସାୟୀଙ୍କ ନିକଟରୁ ଗବଯୋର ତଥା ଆଖପାଖ ଅଞ୍ଚଳର ଲୋକେ ଦହିବରା କିଣି ଖାଇଥିଲେ। ଅପରାହ୍ନରେ ବ୍ୟବସାୟୀ ଜଣକ ଗବଯୋରକୁ ପୁଣି ଦହିବରା ବିକ୍ରି କରିବାକୁ ଆସିଥିଲା। ଗାଁରେ ଛୋଟ ଛୁଆଠାରୁ ଆରମ୍ଭ କରି ଅନେକ ବୟସ୍କ ଲୋକ ଓ ମହିଳା ଦହିବରା ଖାଇଥିଲେ। ଦହିବରା ଖାଇଥିବା ପ୍ରାୟ ସମସ୍ତ ବ୍ୟକ୍ତିଙ୍କ ମୁଣ୍ଡ ବୁଲାଇବା ସହ ଝାଡାବାନ୍ତି ଆରମ୍ଭ ହୋଇଥିଲା। ଅନେକ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ। ଖବର ପାଇ ପଲସାଗୋରା ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡାକ୍ତର ନିଖିଳ ପ୍ରସାଦ ଭୁକ୍ତା ଟିମ୍ ସହ ପହଞ୍ଚି ଅସୁସ୍ଥଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ଅସୁସ୍ଥଙ୍କ ସଂଖ୍ୟା ବଢିବାରୁ ଖବର ପାଇ ମନମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ଅଧ୍ୟକ୍ଷ ଡାକ୍ତର ମହେନ୍ଦ୍ର ସଏ ଏକ ଟିମ ସହ ଯାଇଥିଲେ। ପରେ କଣ୍ଟାମାଳରୁ ଡାକ୍ତର ଜଗଦୀଶ ସେଠୀ, ବାଉଁଶୁଣି ସିଏଚ୍‌ସି ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଡିପିଏଚଓ ଡାକ୍ତର ସନ୍ତୋଷ ତ୍ରିପାଠୀ, ଏଡିପିଓ (ଡିସି) ଡାକ୍ତର ଶାନ୍ତା ନିବେଦିତାଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ପହଞ୍ଚି ଅସୁସ୍ଥଙ୍କୁ ଔଷଧ, ଇଞ୍ଜେକସନ ଏବଂ ସାଲାଇନ ଇତ୍ୟାଦି ଦେଇ ଚିକିତ୍ସା କରିଥିଲେ। କେତେକଙ୍କୁ ମେଡିକାଲ ପଠା ଯାଇଥିଲା। ଏହାକୁ ନେଇ ଗ୍ରାମରେ ଏକ ଭୟର ବାତାବରଣ ଦେଖା ଦେଇଥିଲାବେଳେ ଚାପା ଉତ୍ତେଜନା ମଧ୍ୟ ଦେଖା ଦେଇଥିଲା। ତେବେ ପ୍ରାୟ ସମସ୍ତେ ସୁସ୍ଥ ହୋଇଛନ୍ତି। ଶୁକ୍ରବାର ମେଡିକାଲ ଟିମ୍ ପୁଣି ଗାଁକୁ ଯାଇ ଅସୁସ୍ଥଙ୍କ ସ୍ୱାସ୍ଥ୍ୟ ପଚାରି ବୁଝିବା ସହ ଆବଶ୍ୟକ ଚିକିତ୍ସା କରିଥିଲେ।

## ବୌଦ୍ଧ ଜିଲ୍ଲା କ୍ରୀଡ଼ା ସଂଘର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ବୌଦ୍ଧ,୧୯ ।୧୨ (ସମିସ): ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ୨ ଦିନ ଧରି ବୌଦ୍ଧ ଜିଲ୍ଲା କ୍ରୀଡା ସଂଘର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତଥା ବୌଦ୍ଧ ଜିଲ୍ଲା କ୍ରୀଡା ସଂଘର ସଭାପତି ବିଭୁତି ଭୂଷଣ ନାୟକ ଯୋଗ ଦେଇଥିଲେ। ସ୍ଥାନୀୟ ଭୈରବୀ ମନ୍ଦିରରୁ ଆସିଥିବା କ୍ରୀଡା ମଶାଲକୁ ଜିଲ୍ଲାପାଳ ଗ୍ରହଣ କରିବା ସହ କ୍ରୀଡା ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସଂପାଦକ ଯୁଗଳ କିଶୋର ସାମଲ, ଜିଲ୍ଲା କ୍ରୀଡା ଅଧିକାରୀ ସୁଧର୍ମା ମଲ୍ଲିକ, ବୌଦ୍ଧ ଜିଲ୍ଲା କ୍ରୀଡା ସଂଘ ଯୁଗ୍ମ ସମ୍ପାଦକ ଲମ୍ବୋଦର ପୁରୋହିତ, ବରିଷ୍ଠ କ୍ରୀଡାବିତ ଶ୍ୟାମସୁନ୍ଦର ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ୬ଟି ବିଭାଗରେ କ୍ରୀଡା ପ୍ରତିଯୋଗିତା ଯଥା ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ହାମର ଥ୍ରୋ, ସଟ୍ ପୁଟ, ଡିସକସ୍ ଥ୍ରୋ ଖେଳ ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡା ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଓ କ୍ଲବରୁ ୫୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥଲେ। ପ୍ରଥମ ଦିନରେ ୩୫୦ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୩୦ ଜଣ କ୍ରୀଡା ପରିଚାଳକ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ମନମୁଣ୍ଡା,୧୯ ।୧୨(ସମିସ): ଖଟଖଟିଆସ୍ଥିତ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାପୀଠର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ଗଂଜନ ମାଳି ଯୋଗ ଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ୧୦୦ମିଟର, ୨୦୦ମିଟର ୪୦୦ମିଟର ଦୌଡ଼ ପ୍ରତିଯୋଗିତା, ଲମ୍ବ ଡିଆଁ, ସଟଫୁଟ ଇତ୍ୟାଦି ଅନେକ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ ଅରୁଣ ଖଟୁଆ, ଭୁବନ ନାଏକ ବିଭିନ୍ନ ଖେଳରେ ପ୍ରତିଯୋଗୀଙ୍କୁ ଗାଇଡ଼ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ନରେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥଲେ। ବିଦ୍ୟାଳୟର ଶିକ୍ଷକ ବିଶ୍ୱଜିତ ବାରିକ, ଅଜୟ ସାହୁ, ବିଭୁତି ଭୂଷଣ କୁଅଁର, ଆରତୀ ନାୟକ, ସୁବାଷ ଚନ୍ଦ୍ର ପୂଜାରୀ, ଅମରିଷ ପାଢ଼ୀ, ପ୍ରବେଶ ସାହୁ, ସୁକୁମାରୀ କହଁର, ମନରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ପଞ୍ଚାନନ ପ୍ରଧାନଙ୍କ ଆବାହକତ୍ୱ ଏବଂ ପ୍ରଧାନ ଶିକ୍ଷକ ଯାଜ୍ଞସେନୀ ଖେତୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କେନ୍ଦୁପାଲି ଉଚ୍ଚବିଦ୍ୟାଳୟ ବାର୍ଷିକ କ୍ରୀଡ଼ା



ବିନିକା,୧୮ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କେନ୍ଦୁପାଲି ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନ ଧରି ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଲ ବାଟିକାଠାରୁ ଦଶମ ପର୍ଯ୍ୟନ୍ତ ୪୪୬ ଜଣ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଦେଉଳମୁଣ୍ଡା ଖେଳ ପଡ଼ିଆରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ୨୦୦ ମିଟର ଦୌଡ ବାଳକ ବର୍ଗରେ ଅନିଲ ଶତପଥୀ ପ୍ରଥମ ହୋଇଥିଲେ। ବାଳିକା ବର୍ଗରେ ଆଦ୍ୟାଶା ମେହେର ପ୍ରଥମ ହୋଇଥିଲେ। ସୁଶାନ୍ତ ମେହେର ବେଙ୍ଗ ଡିଆରେ ପ୍ରଥମ ହୋଇଥିଲେ। ବୁଲବୁଲି ମେହେର ଦଉଡ଼ି ଖେଳରେ ପ୍ରଥମ ଓ ମ୍ୟୁଜିକ ଚେୟାରରେ ଦ୍ୱିତୀୟ ହୋଇଥିଲେ। ସାଇକଲ ସ୍ଲୋ ଓ ୧୦୦ ମି ଦୌଡରେ ସୋନମ୍ ମେହେର ପ୍ରଥମ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ନଳିନୀ ପଣ୍ଡା, କେନ୍ଦୁପାଲି ଗ୍ରାମର କବି ତ୍ରିଲୋଚନ ମେହେର ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଇନ୍ଦିରା ମିଶ୍ର ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଶିକ୍ଷକ ପୁତ୍ତୁ କାଳସାଏ ଓ ଶିକ୍ଷୟତ୍ରୀ ଜିତେଶ୍ୱରୀ ମେହେରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଶଙ୍କର ମେହେର ଓ ଭୀଷ୍ମ ବଗର୍ତ୍ତିଙ୍କୁ ସ୍ୱାଗତ କରା ଯାଇଥିଲା। ଶିକ୍ଷକ ସିତାଂଶୁ ଶେଖର ଖମାରୀ ସଭା ସଂଯୋଜନା କରିଥିଲେ। ଅର୍ପିତା ହୋତା, ରଶ୍ମିତା ମେହେର, ଶିବାନୀ ସାହା, ଆର୍ତ୍ତତ୍ରାଣ ବିଶି, ବିପିନ ପାଟନିଆ, ଅମରେଶ ତ୍ରିପାଠୀ, ମହେନ୍ଦ୍ର ସାହୁ, ଦେବାଶିଷ ମିଶ୍ର, ଚମ୍ପେଶ୍ୱର୍ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଦିବ୍ୟରଞ୍ଜନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ମା' ଖମେଶ୍ୱରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ**

## ସେମିରେ ପାଇକପାଲି

ବୀରମହାରାଜପୁର,୧୯ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଟେଭାପଦର ଖେଳ ପଡିଆରେ ୧୫ ତମ ମାଁ ଖମ୍ବେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଟେଭାପଦର କପ୍-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍ କିରାସିରା ଏବଂ କେନ୍ଦୁପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୮ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ କିରାସିରା ଦଳ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ ବିନିମୟରେ ୮୮ ରନ୍ ସଂଗ୍ରହ କରିଥିଲା। ଜବାବରେ କେନ୍ଦୁପାଲି ଦଳ ୫ ଉଇକେଟ ବିନିମୟରେ ୮୯ ରନ୍ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ପାଇକପାଲି ଏବଂ ଟେଭାପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ପାଇକପାଲି ଦଳ ନିର୍ଦ୍ଧାରିତ ଓଭରରେ ୨ ଉଇକେଟ ବିନିମୟରେ ୯୨ ରନ୍ ସଂଗ୍ରହ କରିଥଲା। ଜବାବରେ ଟେଭାପଦର ଦଳ ୨ ଉଇକେଟ ବିନିମୟରେ ୭୯ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ପାଇକପାଲି ଏବଂ କେନ୍ଦୁପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୬ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ କେନ୍ଦୁପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ଅଲ୍ ଆଉଟ ହୋଇ ୪୫ ରନ୍ ସଂଗ୍ରହ କରିଥିଲା। ଜବାବରେ ପାଇକପାଲି ଦଳ ୩.୩ ଓଭରରେ ୩ ଉଇକେଟ ବିନିମୟରେ ୪୬ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ସେମି ଫାଇନାଲରେ ପ୍ରବେଶ କରିଛି। ଅମ୍ପାୟାର ଅରବିନ୍ଦ ମହାକୁଡ଼ ଏବଂ ସୁଧୀର ମହାକୁଡ଼ ପରିଚାଳନା କରିଥିବା ବେଳେ ମୁକେଶ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ।

## ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବୀରମହାରାଜପୁର,୧୯ ।୧୨(ସମିସ): ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସହିଦ ବିଭୀଷଣ ସାହୁ ଖେଳ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ମହାବିଦ୍ୟାଳୟର ରିଡର୍ ଦେବେନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ଖେଳ ଶିକ୍ଷକ ବାଲାଜୀ ବିଶ୍ୱନାଥ ଯୋଗ ଦେଇଥିଲେ। ୧୯ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ଲିଶା ଜଗଦଲା ଓ ପ୍ରିତମ ମେହେର ଚାମ୍ପିଅନ ହୋଇଛନ୍ତି। ତେବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡ. ସରସ୍ୱତୀ ଦାସ ଉଦ୍‌ଘଟନ କରିଥିଲେ। ଖେଳ ଶିକ୍ଷକ ଶିବବ୍ରତ କର୍ଣ୍ଣ, ବିପ୍ରଚରଣ ପେରା, ସୁକାନ୍ତ ମହାକୁର, ଲିଙ୍କନ ପୂଜାରୀଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂସ୍କୃତ ଅଧ୍ୟାପକ ସୁଧାଂଶୁ ପଧାନ ସଭା ପରିଚାଳନା କରିଥିଲେ।

ଅଧ୍ୟାପକ ଶଶାଙ୍କ ସୁଆର ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପିକା ପ୍ରତିମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରାମ ପଧାନ, ଅଧ୍ୟାପକ କିଶୋର ସାହୁ, ଅଧ୍ୟାପିକା ଅବନ୍ତି ନାଏକ, ଅଧ୍ୟାପିକା ରିଙ୍କି ଗଉଡ, ଧନଞ୍ଜୟ ମହାକୁର, ବିଷ୍ଣୁ ବେହେରା, ଶାନ୍ତନୁ ପଧାନ, ବାସୁଦେବ ରଣା, ସଞ୍ଜୟ କର୍ଣ୍ଣ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ କର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବଲାଙ୍ଗିର,୧୯ ।୧୨(ସମିସ)

ବଲାଙ୍ଗିର ଜିଲ୍ଲାରେ ଖରିଫ ଧାନକିଣା ଚରମ ଅବ୍ୟବସ୍ଥା ଘେରରେ ରହିଛି। ଚଳିତବର୍ଷ ଜିଲ୍ଲାରେ ସମସ୍ତ ପ୍ୟାକ୍ସରେ ଏ ପର୍ଯ୍ୟନ୍ତ ଧାନମଣ୍ଡି ଖୋଲାଯାଇପାରିନାହିଁ। ଏହାଫଳରେ ଚାଷୀ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି। ଧାନକିଣାରେ ବିଳମ୍ବ ଯୋଗୁଁ ଚାଷୀ ଟୋକାନ ଲାପ୍ସ୍ ହେବାର ଆଶଙ୍କା କରିଛନ୍ତି।

ଯେଉଁ ସ୍ଥାନରେ ଧାନମଣ୍ଡି ଖୋଲାଯାଇଛି ସେଠାରେ କଟନିଛଟନି ଯୋଗୁଁ ଚାଷୀ ଲୁଟର ଶିକାର ହେଉଛନ୍ତି। ତେଣୁ ଧାନକିଣାକୁ ସୁବ୍ୟବସ୍ଥା କରିବା ଏବଂ ମିଲର୍ସ ରାଜକୁ ବନ୍ଦ କରିବା ପାଇଁ ଫୁଡ୍ ଟ୍ରାନ୍ସପୋରିନ୍ସି ପୋର୍ଟାଲ କାର୍ଯ୍ୟକ୍ଷମ କରିବା, ସମସ୍ତ ପ୍ୟାକ୍ସରେ ଧାନମଣ୍ଡି ଖୋଲିବା, କଟନିଛଟନିକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ଦେଓଗାଁ ବ୍ଲକ ରତାଖଣ୍ଡି ଗ୍ରାମର ଖେଳ ପଡ଼ିଆର ଜମି ଚିହ୍ନଟ କରିବା, ବନ୍ଦ ସ୍କୁଲ ତୁରନ୍ତ ଖୋଲିବା ଆଦି ଦାବିରେ ଏସୟୁସିଆଇ(ସି) ଏବଂ ଚାଷୀ ସଂଗଠନ ଏଆଇକେକେଏମଏସ ପକ୍ଷରୁ ଜିଲ୍ଲାପାଳଙ୍କ କର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସୟୁସିଆଇ(ସି) ବଲାଙ୍ଗିର ଜିଲ୍ଲା କମିଟି ସମ୍ପାଦକ ସୁନୀଲ ଭୋଇଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କଳାମଣ୍ଡଳ ପଡିଆରୁ ବାହାରିଥିଲା। ବିକ୍ଷୋଭକାରୀ ଭାଗୀରଥି ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତିକୁ ସମସ୍ତେ ଦୃଢ଼ ବିରୋଧ କରିଥିଲେ।

ମିଲର୍ସଙ୍କ ସ୍ୱାର୍ଥ ରକ୍ଷା ପାଇଁ ଚାଷୀଙ୍କୁ ନିର୍ମମ ଶୋଷଣ କରିବାରୁ ସରକାର ଓ ପ୍ରଶାସନ ବିରତ ରୁହନ୍ତୁ ବୋଲି ଶ୍ରୀ ଭୋଇ ତାଙ୍କ ବକ୍ତବ୍ୟରେ କହିଥିଲେ। ନଚେତ୍ ଆନ୍ଦୋଳନ ଜୋରଦାର କରାଯିବ ବୋଲି ବିକ୍ଷୋଭକାରୀ ଚେତାବନୀ ଦେଇଥିଲେ। ଶେଷରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏଡ଼ିଏମ ପବିତ୍ର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ ସଂଗଠନର ପିତାମ୍ବର ପଧାନ, କୁନୁ ଭୋଇ, ଅମିତ ପଧାନ, ଚେୟାରମ୍ୟାନ ପଧାନ, ମୋତି ରଣାଙ୍କ ସହ ଶତାଧିକ ଚାଷୀ ମୂଲିଆ ସାମିଲ ହୋଇଥିଲେ।




## କେଡିସିସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଲଣ୍ଡାପଥର ଚାମ୍ପିୟନ




ଦେଓଗାଁ,୧୯ ।୧୨(ସମିସ) ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ବନ୍ଧପଡା ଖେଳପଡିଆରେ ଚାଲିଥିବା କେଡିସିସି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଲଣ୍ଡାପଥର ଓ ସିନ୍ଦୁରବାହାଲ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଲଣ୍ଡାପଥର ଦଳ ଟସ୍ ଜିଣି ପ୍ରଥମେ ଫିଲ୍‌ଡିଙ୍ଗ ନିଷ୍ପତ୍ତି ନେଇଥିଲା। ୮ ଓଭରରେ ସିନ୍ଦୁରବାହାଲ ଦଳ ୬୦ରନ୍ କରି ଅଲ୍ ଆଉଟ ହୋଇଥିଲା। ମାତ୍ର ୭ ଓଭର ବିନିମୟରେ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରି ଲଣ୍ଡାପଥର ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ଭାବେ ବ୍ଲକ୍ ବିଜେଡି ସଭାପତି ସୁଶୀଳ ଚାନ୍ଦ, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ବିଜେଡି ନେତା ଅଚ୍ୟୁତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଫୁଟବଲ ମ୍ୟାଚ୍ ଉଦ୍‌ଯାପିତ: ଦରଲିମୁଣ୍ଡା ଚାମ୍ପିୟନ




ବେଲପଡା,୧୯ ।୧୨(ସମିସ): ବେଲପଡ଼ା ବ୍ଲକ୍ ତେନ୍ତୁଳିମୁଣ୍ଡା ଗ୍ରାମର ଜୟରାମ ମେହେର ହାଇସ୍କୁଲ ଖେଳ ପଡିଆରେ ତେନ୍ତୁଳିମୁଣ୍ଡାର ସ୍ପାଟାନ କ୍ଲବ୍ ଆନୁକୂଲ୍ୟରେ ୨୨ତମ ଜିଲାସ୍ତରୀୟ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଫାଇନାଲ ଖେଳରେ ଦରଲିମୁଣ୍ଡା ବନାମ ତେନ୍ତୁଳିମୁଣ୍ଡା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଦରଲିମୁଣ୍ଡା ଚାମ୍ପିୟନ ହୋଇଥିଲା। ଦେବେନ୍ଦ୍ର ମଲ୍ଲିକ, ଭୋପାଲ ବିଶ୍ୱାଳ, ସାମ୍ବାଦିକ ଜଗଦୀଶ ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ବିବଛ ମାଝୀ ଖେଳ ପରିଚାଳନା କରିଥିଲେ। ଲାଇନରେ ନିତେଶ ମାଝୀ ଓ ବୈଷ୍ଣବ ତାଣ୍ଡି ସହଯୋଗ କରିଥିଲେ। ହରିହର ତାଣ୍ଡି ଧାରା ବିବରଣୀ ପ୍ରଦାନ କରିଥିଲେ। ଦେବେନ୍ଦ୍ର ମଲ୍ଲିକ, ନିରୋଜ ମଲ୍ଲିକ, ତେଜରାଜ ଲିଟି, ଲୀଲୁ ଧର ଭୋଇ, ଟିଲୁ ବିଶ୍ୱାଳ, ବାଣ୍ଟି ଭୋଇ, କଳ୍ପନା ମଲ୍ଲିକ, ଭୀମରାଜ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ଚନ୍ଦ୍ରପୁର ରାମଜୀ କଳାପରିଷଦର ବନ୍ଧୁମିଳନ



ଦେଓଗାଁ,୧୯ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ରାମଜୀ କଳାପରିଷଦ ପକ୍ଷରୁ ଶୁକ୍ରବାର ପର୍ଯ୍ୟଟନସ୍ଥଳ ଭୀମ ପାହାଡରେ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଳାକାର ଶରତ ପୁଟେଲ ସଭାପତିତ୍ୱ କରିଥିବାବେଳେ ସୁରଥ ଧରୁଆ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ରାମଚନ୍ଦ୍ର ବିଶ୍ୱାଳ, ସମ୍ମାନୀତ ଅତିଥି ଭାବେ ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଅନୁଷ୍ଠାନ ତରଫରୁ ବରିଷ୍ଠ କଳାକାର ରାମଚନ୍ଦ୍ର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୀବର୍ଦ୍ଧନ ପଧାନ, ରମାକାନ୍ତ ମିଶ୍ର, ଡୁଲେଶ୍ୱର କଳତା, ରାଜକୁମାର ନାଏକ, ସୋମନାଥ ନାଏକ,ବିଭିଷଣ ମାଝୀ, ସତ୍ୟଜିତ ବଗର୍ତ୍ତି, ସୁଶୀଳ ଭୋଇ, ମହେନ୍ଦ୍ର ସାହୁ, ଶରତ ମେହେର, ସୁଦାମ କୁଦେଇ, କୃଷ୍ଣଚନ୍ଦ୍ର ପଧାନ, ପ୍ରେମଜୀ ବିଶ୍ୱାଳ, ଭୋପାଳ ପଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଟେଣ୍ଟ ମାଲିକ ସଂଘର ବାର୍ଷିକ ସମ୍ମିଳନୀ



ଖପ୍ରାଖୋଲ,୧୯ ।୧୨ (ସମିସ): ଖପ୍ରାଖୋଲ ବ୍ଲକର ହରିଶଙ୍କର ବାବା ଟେଣ୍ଟ ମାଲିକ ସଂଘର ୯ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭାପତି ବିକାଶ ଦାଶ, ଉପ ସଭାପତି ସିତାରାମ ମେହେର, ସହ ସଂପାଦକ ତେଜରାଜ ଦଣ୍ଡସେନା, ସମ୍ପାଦକ ରବୀନ୍ଦ୍ର ଗଡତ୍ୟା, କୋଷାଧକ୍ଷ ଆନନ୍ଦ ପୁଟେଲ, ଗୋପାଳ ପାତ୍ର, ବାଙ୍କ ବିହାରି ନାଏକ୍, ସାମାଜିକ ପୁଟେଲ୍, ରାଜ କିଶୋର ନାଏକ, ଦୁର୍ଗାଦତ୍ତ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘର ସଦସ୍ୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବଢୁଥିବା ଆର୍ଥିକ ପରିସ୍ଥିତିକୁ ଦେଖି କିପରି ଲୋକେ ସୁଲଭ ମୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଟେଣ୍ଟ, ଲାଇଟ୍, ସାଉଣ୍ଡ ଓ ଫୁଲ ପାଇ ପାରିବେ ଆଲୋଚନା କରିଥିଲେ। ସଙ୍ଘ ସାମ୍ବାଦିକଙ୍କୁ ନିମନ୍ତ୍ରଣ କରି ସମ୍ମାନିତ କରିଥିଲା। ଏହି ସମ୍ମିଳନୀକୁ କିଶୋର ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ସନ୍ତୋଷ ପଧାନ, ରମେଶ ସାହୁ, ଅନୀଲ ସାହୁ, ପିଙ୍କୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଲେବଡ଼ା ପିଏମ୍‌ଶ୍ରୀ ପାଟଣେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ମୁରିବାହାଲ,୧୯ । ୧୨(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ଲେବଡା ପିଏମ୍‌ଶ୍ରୀ ପାଟଣେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅଥିତି ରୂପେ ଲେବଡା ସରପଞ୍ଚ ଦମୟନ୍ତୀ ହାତୀ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡମ୍ବରୁଧର ମାଝୀ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଦୁତିବାହନ ମୁନା ସଭାପତିତ୍ୱ କରିଥିଲେ। ୩ ଦିନ ଧରି ଚାଲିଥିବା ଏହି କ୍ରୀଡା ମହୋତ୍ସବରେ ବରିଷ୍ଠ ଖେଳ ଶିକ୍ଷକ କୁବେରଲାଲ ବେହେରା ସୁଚାରୁରୂପେ ପରିଚାଳନା କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରେ ୪୦୦ଜଣ ଛାତ୍ରଛାତ୍ରୀ ୮୦ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ଦ୍ୱିତୀୟ ଦିବସରେ ମୁରିବାହାଲ ଧନୁଯାତ୍ରା ମହୋତ୍ସବ



ମୁରିବାହାଲ,୧୯ ।୧୨(ସମିସ): ମୁରିବାହାଲ ବ୍ଲକସ୍ତରୀୟ ସପ୍ତମ ବର୍ଷ ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିନରେ ଦେବକୀ ବିବାହ, କଂସଙ୍କ ସିଂହାସନ ଆରୋହଣ, ଅକ୍ରୁରକୁ ନିର୍ବାସନ, ଦେବକୀ ବାସୁଦେବ କାରାଗାରାରେ ବନ୍ଦୀ, ରାଜା ଉଗ୍ରେସନ ବିତାଡିତ ନାଟକ ମଞ୍ଚସ୍ଥ ହୋଇଛି। ତରୁଣ ପୋଡ଼ଙ୍କ ସଭାପତିତ୍ୱରେ ମୁରିବାହାଲ ବିଡ଼ିଓ ବାସନ୍ତୀ ସେଠ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁରିବାହାଲ ସିଡିପିଓ ପୂର୍ଣ୍ଣମୀ ବୈଠାରୁ, ଥାନା ଆଇଆଇସି ସନାତନ ସାହୁ, ବିଇଓ ଶାନ୍ତନୁ ପଡିହାରୀ, ଅଗ୍ନିଶମ ବିଭାଗ ଓଆଇସି ଶ୍ରୀକାନ୍ତ ସେଠ, ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଚକ୍ରଧର ସାହୁ, ଷ୍ଟେସନ୍ ମାଷ୍ଟର୍ ତରଣୀସେନ୍ ମେହେର ଓ କମିଟି ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁର ପ୍ରମୁଖ ମଞ୍ଚାସୀନ ଥିଲେ। ୭ ଦିନ ବ୍ୟାପୀ ବିରାଟ ଧନୁଯାତ୍ରା ମହୋତ୍ସବରେ ମୁରିବାହାଲ ଗ୍ରାମ ମଥୁରା ନଗରୀ ଓ ପାଖ ବନବାହାଲ ଗ୍ରାମ ଗୋପପୁର ପାଲଟିଛି। ଧନୁଯାତ୍ରାର ମାହାରାଜ କଂସ ଭୂମିକାରେ ଲାଠୋରର ଆର୍ତ୍ତତ୍ରାଣ ସୁନାନୀ ଅଭିନୟ କରୁଛନ୍ତି। ଧନୁଯାତ୍ରା ମହୋତ୍ସବ କମିଟିର ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ, ବିଶ୍ୱବିହାରୀ ଯୋଷୀ, ନାରାୟଣ ସାହୁ, ଦିବ୍ୟସୁନ୍ଦର ସାହୁ, ଶ୍ୟାମସୁନ୍ଦର ଝାଙ୍କର, ରମାରଞ୍ଜନ ପାତ୍ର, ରାଜିବ ମହାନ୍ତି, ସୁଦାମ ଚରଣ ବଘାର, ରମେଶ ନାଗ, ପ୍ରଫୁଲ୍ଲ ବଘାର, ସୁଦାମ ଚରଣ ସାହୁ, ତରଣିସେନ ମେହେର, ପ୍ରେମାନନ୍ଦ ମାଝୀ, ଦନାର୍ଦ୍ଦନ ବଗର୍ତ୍ତି, ସୁଜିତ ରଞ୍ଜନ ପାଢ଼ୀ, ଅଭିଳାଷ ବଘାର, ଭରତ ଦାସ, ପଦ୍ମଲୋଚନ ସାହୁ, ସୁଧାଂଶୁ ପୋଡ଼ ଯାଦବ, ଉଦିତ କଟା, ବିକି ମହାରଣା, ଗିରିଧାରୀ ସାହୁ, ସୁଦର୍ଶନ ଦୀପ, ଖଗେଶ୍ୱର ସାହୁ, ମନୋଜ କର, ଅମରେଶ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ରମାରଞ୍ଜନ ପାତ୍ର ଧନ୍ୟବାଦ୍ ଦେଇଥିଲେ।

## ହାଡଭଙ୍ଗା ଶୀତରେ ଥରୁଛି ହରଭଙ୍ଗା

ପୁରୁଣାକଟକ,୧୯ ।୧୨(ସମିସ): ବୌଦ୍ଧ ଜିଲ୍ଲାରେ ଶୀତର ପ୍ରଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ କିଛି ଦିନ ଧରି ପାରଦ ତଳମୁହାଁ ହୋଇଥିବା ବେଳେ ରାତିରେ ପ୍ରବଳ ମାତ୍ରାରେ ଥଣ୍ଡା ପଡୁଛି। ସକାଳ ସମୟରେ କେତେକ ସ୍ଥାନରେ ଘନ କୁହୁଡ଼ି ଲାଗି ରହୁଛି। ଏପରିକି ସକାଳ ଦିନ ୮ରୁ ୯ଟା ପର୍ଯ୍ୟନ୍ତ କୁହୁଡ଼ି ଥଣ୍ଡା ଲାଗି ରହୁଥିବାରୁ ସାଧାରଣ ଜନଜୀବନ ଉପରେ ପ୍ରଭାବ ପଡୁଛି। ଥଣ୍ଡା ପବନ ସହ ଶୀତର ପ୍ରକୋପ ଯୋଗୁଁ ଲୋକେ ଘରୁ ବାହାରିବାକୁ ଅସୁବିଧା ଅନୁଭବ କରୁଛନ୍ତି। ଶୀତ ବଢ଼ିବା ସହିତ ଗାଁ ଗଣ୍ଡା ଓ ସହର ଅଞ୍ଚଳରେ ସନ୍ଧ୍ୟା ହୋଇଗଲେ ଶୂନଶାନ ଦେଖାଯାଉଛି। ଶୀତ ପାଇଁ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପଡୁଛି। ବୃଦ୍ଧ, ଶିଶୁ ଓ ରୋଗୀ ସର୍ଦ୍ଦି-ଖାସ, ଜ୍ୱରରେ ପୀଡିତ ମଧ୍ୟ ହେଉଥିବା ଅନୁମାନ କରାଯାଉଛି। ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକର ଉପାନ୍ତ ପାହାଡିଆ ଅଞ୍ଚଳ ଆଡ଼େନିଗଡର ପଞ୍ଚାୟତ କଣ୍ଡରା, କାଟପାଲୁ, ସୁଲୁକେଟି, ବାଙ୍କୀପାଲୁ, ତଳଗାଁ ପଞ୍ଚୟତ, ମହାଳିକପଡା, କୁସଙ୍ଗ, ଛତ୍ରଙ୍ଗ ଭଳି ପାହାଡିଆ ଅଞ୍ଚଳର ଗ୍ରାମ ଗୁଡିକରେ ହାଡଭଙ୍ଗା ଶୀତ ଲୋକେ ଅନୁଭୂତ କରୁଛନ୍ତି।

## ଉପରଝର -ଆଟଗାଁ ଘାଟି ରାସ୍ତାରେ ଲୁଟ୍

ଦେଓଗାଁ,୧୯ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ନୂଆଁପାଲି ଗାଁ ବିବେକ ମନହୀରା ଉପରଝର-ଆଟଗାଁ ରାସ୍ତାରେ ଲୁଟ୍‌ର ଶିକାର ହୋଇଛନ୍ତି। ୩ଜଣ ଦୁର୍ବୃତ୍ତ ତାଙ୍କୁ ମାରଣାସ୍ତ୍ର ଦେଖାଇ ତାଙ୍କ ବାଇକ୍ ଓ ମୋବାଇଲ ଛଡ଼ାଇ ନେଇଛନ୍ତି। ଏ ନେଇ ସେ ଅଭିଯାଗକାରୀ ପୁଇଁନ୍ତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ରାସ୍ତା ଅବରୋଧ

ବୌଦ୍ଧ,୧୯ ।୧୨(ସମିସ): ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରାସ୍ତା ଅବରୋଧ ହୋଇ ରହିଛି। ଏହା କୋଣ ଜାଗାରେ ଅଛି। ଗୋଟିଏ ପଟରେ ମୁଖ୍ୟ ରାସ୍ତା ଥିବାବେଳେ ଅନ୍ୟ ରାସ୍ତାଟି ବୌଦ୍ଧ ଆଦର୍ଶ ଥାନା ପଛ ପଟ ରାସ୍ତା। ଏହି ରାସ୍ତାରେ ଥାନା ଦ୍ୱାରା ଜବତ ଓ ଦୁର୍ଘଟଣାଗ୍ରସ୍ତ ପୁରୁଣା ଗାଡି ଗଦା ହୋଇ ରହିଛି। ତାହା ସହ ଉଠା ଦୋକାନ ଓ ରୋଗୀସେବା ପାଇଁ ଟେଣ୍ଟ ଷ୍ଟାଣ୍ଡ ରହିଛି। ରୋଗୀଙ୍କୁ ଡାକ୍ତରଖାନା ନେବାଆଣିବା ପାଇଁ ମୁଖ୍ୟ ଫାଟକ ଦେଇ ଆମ୍ବୁଲାନ୍ସ

### ବାଧକ ସାଜିଛି ଥାନାର ଜବତ ଭଙ୍ଗା ଗାଡି ସହ ଉଠା ଦୋକାନ ଓ ଟେଣ୍ଟ

ଓ ଅନ୍ୟାନ୍ୟ ଗାଡି ମଟର ଥାନା ପଛ ପାଖ ଫାଟକରେ ବାହାରିଥାନ୍ତି; କିନ୍ତୁ ଅଯଥା ଭିଡ଼ ଯୋଗୁଁ ବୁର୍ଲା ଓ ଅନ୍ୟ ମେଡିକାଲକୁ ରେଫର ହେଉଥିବା ଗାଡି ଯିବାରେ ଅସୁବିଧା ହେଉଛି। ଏହା ସହିତ ସନ୍ଧ୍ୟା ହେଇଗଲେ ଆଲୋକୀକରଣ ବ୍ୟବସ୍ଥା ନ କହିବା ଭଲ। ମେଡିକାଲ ଛକ ଦେଇ ସନ୍ଧ୍ୟାରେ ଜନସାଧାରଣ ଭୟରେ ଯିବା ଆସିବା କରିଥାନ୍ତି। ମେଡିକାଲ ସମ୍ମୁଖ ଭାଗ ଅଳିଆଗଦା ଓ ପରିସ୍ରାଗାର ପାଲଟିଛି। ଜଣେ ରୋଗୀ କୁ ନେବା ପାଇଁ ଏହି ରାସ୍ତା ଅତିକ୍ରମ କରିବା ପାଇଁ ଅଧଘଣ୍ଟା ସମୟ ଲାଗୁଛି। ଗାଡି ପାର୍କିଂ ଲାଗି କୌଣସି ସୁବିଧା ନ ଥିବାରୁ ରୋଗୀ ଧରି ଆସୁଥିବା ଲୋକ ବାଧ୍ୟ ହୋଇ ରାସ୍ତାରେ ରଖୁଛନ୍ତି। ଏପଟେ ଥାନାର ଜବତ ଗାଡି ସେପଟେ ରୋଗୀକୁ ଆଣିଥିବା ଘରୋଇ ଗାଡି ଏବଂ ଓଟୋ ରହିବା ଫଳରେ ରୋଗୀକୁ ନେବା ପାଇଁ ବହୁତ ସମୟ ଲାଗୁଛି।

## ଆବାସ ଘର ସରିନି ବୋଲି ଭତ୍ତା, ରାସନ ବନ୍ଦ

ଶଗଡା,୧୯ ।୧୨(ସମିସ): କେନ୍ଦ୍ର ସରକାର ଗରିବ ଲୋକଙ୍କୁ ଆର୍ଥିକ ସଶକ୍ତ କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସେଥିମଧ୍ୟରୁ ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ଯୋଜନା ଅନ୍ୟତମ। ମନମୋହନ ସରକାର ଅମଳରେ ପ୍ରତ୍ୟେକ ଗରିବ ପରିବାରକୁ ମୁଣ୍ଡ ପିଛା ୫ କେଜି ରାସନ ଦେବା ପାଇଁ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରାଯାଇ ତାହା ଆଇନରେ ପରିଣତ ହୋଇଗଲା। ପ୍ରତ୍ୟେକ ରାସନ କାର୍ଡଧାରୀଙ୍କ ରାସନ ସାମଗ୍ରୀ ନେବା ଆଇନଗତ ଅଧିକାର ହୋଇଥିବା ବେଳେ ସେହିପରି ସାମାଜିକ ସୁରକ୍ଷା ଯୋଜନାରେ ବୃଦ୍ଧ ବୃଦ୍ଧାଙ୍କ ପାଇଁ ଭତ୍ତା ଟଙ୍କା ମଧ୍ୟ ଆଇନଗତ ଅଧିକାର ହୋଇଛି; ହେଲେ ଉକ୍ତ ସବୁ ଆଇନଗତ ଅଧିକାରରୁ ହିତାଧିକାରୀଙ୍କୁ ରାଜ୍ୟ ସରକାର ବଞ୍ଚିତ କରୁଥିବା ଅଭିଯୋଗ ହୋଇଛି। ଆବାସ ଯୋଜନା ସମ୍ପୂର୍ଣ୍ଣ କରି ନ ଥିବା ହିତାଧିକାରୀଙ୍କୁ ରାସନ ଓ ଭତ୍ତା ଆଦି ଦୁଇଟି କେନ୍ଦ୍ରୀୟ ଯୋଜନାରୁ ବଞ୍ଚିତ କରି ରାଜ୍ୟ ସରକାର ଏହା ବନ୍ଦ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଯେଉଁ ଆବାସ ହିତାଧିକାରୀ ଘର ସମ୍ପୂର୍ଣ୍ଣ ନ କରି ଅଧାପନ୍ତରିଆ କରି ରଖିଥିବେ ସେହି ହିତାଧିକାରୀଙ୍କ ଭତ୍ତା ଓ ରାସନ ସାମଗ୍ରୀ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆ ଯାଇଛି। ଏହାର ଜ୍ୱଳନ୍ତ ଉଦାହରଣ କଣ୍ଟାମାଳ ବ୍ଲକ ବରଗୋଚ୍ଛା ପଞ୍ଚାୟତ ଖଜୁରରୁଜ ଗ୍ରାମର ବଳଭଦ୍ର ପରଡ଼ିଆ। ନିକଟରେ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ପାଇଁ ଆସିଥିଲେ; ହେଲେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ତାଙ୍କୁ ବାକି ପଡି ରହିଥିବା ଆବାସ ଘର କାର୍ଯ୍ୟ ଆରମ୍ଭ କଲେ ଭତ୍ତା ମିଳିବ କହି ଫେରାଇ ଦେଇଥିବା ବଳଭଦ୍ର ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ନମିତା ସାହୁଙ୍କୁ ପଚାରିବାରୁ ଆବାସ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ନ କଲେ ଭତ୍ତା ପ୍ରଦାନ ନ କରିବାକୁ ନିର୍ଦ୍ଦେଶ ଆସିଥିବା କହିଥିବା ବେଳେ ଚାଉଳ ମଧ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଆସିଛି। ଚଳିତ ମାସ ଚାଉଳ ଦିଆ ସରିଥିବା ବେଳେ ଆଗାମୀ ମାସରେ ଏହା ବି ବନ୍ଦ କରାଯିବ ବୋଲି କହିଛନ୍ତି। ତେବେ ଅନେକ ବୃଦ୍ଧବୃଦ୍ଧାଙ୍କ ଆର୍ଥିକ ସ୍ଥିତି ଠିକ ନ ଥିବା ବେଳେ ସେମାନେ ନିଜ ଘର ସମ୍ପୂର୍ଣ୍ଣ କରିବାକୁ ଅସମର୍ଥ। ଏଭଳି ପରିସ୍ଥିତିରେ ସେମାନେ କେଉଁଠୁ ଟଙ୍କା ଆଣି ନିଜ ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ କରିବେ ଓ ଭତ୍ତା ସହ ରାସନ ସାମଗ୍ରୀ ନେବେ ତାହା ହିତାଧିକାରୀଙ୍କୁ ଏବେ ଚିନ୍ତାରେ ପକାଇଛି। ଭତ୍ତା ଟଙ୍କା ଓ ଚାଉଳ ଉପରେ ବୃଦ୍ଧବୃଦ୍ଧାମାନେ ପ୍ରାୟତଃ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାଉ ଥିବା ବେଳେ ବିନା ଭତ୍ତା ଓ ଚାଉଳ ନ ପାଇ କେମିତି ଚଳିବେ ସେ ନେଇ ଚିନ୍ତାରେ ପଡିଛନ୍ତି। ସରକାର ଲୋକଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରୁଥିବା ବେଳେ ବୃଦ୍ଧବୃଦ୍ଧାଙ୍କ ପାଇଁ କିଛି ସହାୟତା କରିବା ପରିବର୍ତ୍ତେ ତାଙ୍କୁ ଏଭଳି ଭାବରେ ଶୋଷଣ କରି ହଇରାଣ କରିବାକୁ ପ୍ରଶାସନ ସତେ ଯେଭଳି ପଣ କରିଛି।

## ବିଭାଗୀୟ ଅଧିକାରୀ ମରୁଡିଗ୍ରସ୍ତ ଅଞ୍ଚଳ ବୁଲିଲେ

ଦେଓଗାଁ,୧୯ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ବିଭିନ୍ନ ମରୁଡିଗ୍ରସ୍ତ ଅଞ୍ଚଳକୁ ବିଭାଗୀୟ ଅଧିକାରୀ ବୁଲି ଦେଇଛନ୍ତି। ଲଖନପୁର, ଖଲିଆପାଲି, ଗୋଏଲପିଟା, ରାମଚନ୍ଦ୍ରପୁର, ସିଂହାମୁଣ୍ଡା, ଲୁହାଖାନ, ଟେପ୍ରେନ ଆଦି ଗାଁକୁ ଏହି ଟିମ୍ ଗସ୍ତ କରିଥିଲା। ଦେଓଗାଁ ତହସିଲଦାର ନର୍ମଦା ନାଏକ, ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ, ସହକାରୀ କୃଷି ଅଧିକାରୀ ରୋହନ କୁମାର ଭୋଇ, ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ପ୍ରମୁଖ ଟିମ୍‌ରେ ଯାଇଥିଲେ। ମରୁଡି ହୋଇଥିବା ଚାଷଜମି ଅନୁଧ୍ୟାନ କରି ତଦନ୍ତ କରିଥିଲେ। ଚାଷୀ ପରମାନନ୍ଦ ପଧାନ, ଜୁଗନ ପଧାନ, ଭଜ ବାଗ, ଜହନ ଛତ୍ରିଆ, ଟଙ୍କଧର ପଟେଲ, ନାରାୟଣ ପଧାନ, ଅଭିଷେକ ସାଏ, ସୁରଞ୍ଜୟ ମାହାକୁରଙ୍କୁ ପଚରାଉଚୁରା କରିଥିଲେ। ଏନେଇ ଉଚ୍ଚସ୍ତରୀୟ ଅଧିକାରୀଙ୍କ ନିକଟକୁ ରିପୋର୍ଟ ପଠାଇ କ୍ଷତିପୂରଣ ପାଇଁ ପଦକ୍ଷେପ ନେବୁ ବୋଲି କ୍ଷତିଗ୍ରସ୍ତ ଚାଷୀଙ୍କୁ ସୂଚନା ଦେଇଥିଲେ। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଓ ବିଳମ୍ବରେ ବର୍ଷା ହେବା ଦ୍ୱାରା ବନ୍ଧପଡା, ସିଂହାମୁଣ୍ଡା ଓ ରାମଚନ୍ଦ୍ରପୁର ପଞ୍ଚାୟତ ଅଞ୍ଚଳରେ ଚାଷୀ ଧାନଚାଷ କରିପାରି ନ ଥିଲେ। ଅନେକ ଚାଷୀ ବିଲରେ ପହ୍ଲା ରୋଇ ନ ପାରି ସେମିତି ରହିଯାଇଥିବା ନଜରକୁ ଆସିଥିଲା। ଯେଉଁ ଚାଷୀଙ୍କ ଗଭୀର ନଳକୂପ ଅଛି ସେମାନେ ଚାଷକୁ ବଞ୍ଚାଇ ରଖିପାରିଥିଲେ ହେଁ ରୋଗପୋକ ଲାଗିବାରୁ ଠିକ ଅମଳ ହୋଇପାରି ନ ଥିବା ଅଭିଯୋଗ ହୋଇଥିଲା। ଏହା ଫଳରେ ଗୁରୁବାର ଦିନ ଅଞ୍ଚଳର ଚାଷୀ ସିଂହାମୁଣ୍ଡା ଛକରେ ୫ଘଣ୍ଟା ଧରି ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ।



## ଭାରସାମ୍ୟ ହରାଇ କାର୍ ଦୁର୍ଘଟଣା ଗ୍ରସ୍ତ: ଜଣେ ଗୁରୁତର

ବୌଦ୍ଧ,୧୯ ।୧୨(ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡିପଦର ଗ୍ରାମ ନିକଟରେ ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହାଫଳରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ଏକ କାର୍ ବଲାକିରା ଗାଁ ପଟରୁ ମୁଣ୍ଡିପଦର ଗାଁ ଦେଇ ସାହାଜପାଲ ଆଡକୁ ଆସୁଥିଲା। ହେଲେ ଭାରସାମ୍ୟ ହରାଇ ରାସ୍ତାରୁ ୧୦ ଫୁଟ ତଳକୁ ଖସି ପଡ଼ ଦୁର୍ଘଟଣା ଘଟିଥିଲା। ଗାଡି ଚଳାଉଥିବା ମାଲିକ ତଥା ତାଳସରଡା ନିବାସୀ ମୁଣ୍ଡିପଦର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ହେମାନନ୍ଦ ଦାଶ ଗୁରୁତର ଆହତ ହୋଇଥିଲେ। ଗାଡ଼ିରେ ବସିଥିବା ଅନ୍ୟ ଜଣେ ବ୍ୟକ୍ତି ସାମାନ୍ୟ ଆହତ ହୋଇଛନ୍ତି। ହେମାନନ୍ଦଙ୍କ ବୌଦ୍ଧ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି।



ବଲାଙ୍ଗୀର ଜିଲ୍ଲା ଭାରତୀୟ ଜନତା ପାର୍ଟିର ଉପ ସଭାପତି ଭାବେ ଚୟନ ହୋଇଥିବା କଣ୍ଟାବାଞ୍ଜିର ବେଦବ୍ୟାସ ନାଗଙ୍କୁ କଣ୍ଟାବାଞ୍ଜି ମାଟିର ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।



କଣ୍ଟାବାଞ୍ଜିର ଶାନ୍ତନୁ ବିଭାର ପୁରୀରେ ରାଜ୍ୟସ୍ତରୀୟ ଉତ୍କଳମଣି ସେବା ସମ୍ମାନ ଗ୍ରହଣ କରୁଛନ୍ତି।

(ଫଟୋ: ରୋହନ ମହତ, କଣ୍ଟାବାଞ୍ଜି)

